ସକାଳ
THE SAKALA



ଇଏ ଆମ ପ୍ରାକ୍ ଶିକ୍ଷାର ଅବସ୍ଥା

# କାର୍ଯ୍ୟଦିବସରେ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା

ଜଗନ୍ନାଥପ୍ରସାଦ,୨୩।୨(ସମିସ)



ପିଲାଙ୍କୁ ପ୍ରାକ୍ ଶିକ୍ଷା ସହ ଭୌତିକ ବିକାଶ ଲାଗି ସରକାର ଅଙ୍ଗନବାଡି କେନ୍ଦ୍ର ଖୋଲିଛନ୍ତି। ହେଲେ ଅଙ୍ଗନବାଡ଼ି କର୍ମଚାରୀଙ୍କ ଅବହେଳା ଯୋଗୁଁ ଶିଶୁମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଗ୍ରାମାଞ୍ଚଳ ଅବସ୍ଥା କହିଲେ ନ ସରେ। ଏମିତି ଏକ ଘଟଣା ଜଗନ୍ନାଥପ୍ରସାଦ ବ୍ଲକ ଗେରେଡା ଅଙ୍ଗନବାଡ଼ି କେନ୍ଦ୍ର(ଖ)ରେ ସୋମବାର ଦେଖିବାକୁ ମିଳିଛି। ଗେରେଡ଼ା ଦେଇ ସାମ୍ବାଦିକ ଟିମ୍ ଖବର ସଂଗ୍ରହ ପାଇଁ ଯାଇଥିଲେ। ରାସ୍ତାରେ ଗେରେଡ଼ା ଠାରେ ଅଟକି ଦେଖିବାକୁ ବେଳକୁ ଚକାଚକ କେନ୍ଦ୍ର ସାଙ୍ଗକୁ ଚିକ୍କଣିଆ କୋଠା ରହିଛି। କୁନିକୁନି ଶିଶୁ ମାନଙ୍କ ପାଇଁ ଶୈଶବ ଶିକ୍ଷାର ସମସ୍ତ ସୁବିଧା ସୁଯୋଗ ରହିଛି। ହେଲେ କେନ୍ଦ୍ରର ମୁଖ୍ୟ ଫାଟକ ଗ୍ରିଲରେ ଝୁଲୁଥିଲା ତାଲା। ନା ଥିଲେ ଅଙ୍ଗନବାଡ଼ି ଦିଦି ରଶ୍ମିତା ପ୍ରଧାନ, ନା ତାଙ୍କ ସହକର୍ମୀ। ଗୋଟିଏ ବି ପିଲା ମଧ୍ୟ କେହି ଦେଖାଯାଇ ନଥିଲେ। ଆଖପାଖରେ ପଚାରିବାରୁ ଜଣାପଡ଼ିଲା ଯେ ଅଙ୍ଗନବାଡ଼ି କେନ୍ଦ୍ରକୁ ଦିଦି ଆସୁନାହାନ୍ତି। ତେଣୁ ପାଠପଢ଼ା ବନ୍ଦ। ପିଲାମାନେ ଏବେ ଖେଳକୁଦରେ ମାତିଛନ୍ତି। ଏନେଇ ସିଡିପିଓ ଗୀତାଞ୍ଜଳୀ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରେ ସେ କହିଥିଲେ ମୁଁ ନୂଆ। ତେବେ ଆଜି କୌଣସି ସରକାରୀ ଛୁଟି ନାହିଁ କି ଅଙ୍ଗନବାଡି କର୍ମୀ ଛୁଟି ନେଇଛନ୍ତି କିମ୍ବା ଅନ୍ୟତ୍ର କେଉଁଠି କେନ୍ଦ୍ର ହେଉଛି ତାହା ଅଞ୍ଚଳ ପରିଦର୍ଶିକା ବାସନ୍ତୀ କଅଁରଙ୍କୁ ପଚାରି ବୁଝିବି ବୋଲି କହିଥିଲେ। ଅପରପକ୍ଷେ ସରକାରୀ ଛୁଟି ନ ଥାଇ ମନଇଛା କେନ୍ଦ୍ର ବନ୍ଦ କରିବା ଏକ ପ୍ରକାର ନିନ୍ଦନୀୟ ଘଟଣା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏହି ସିଡିପିଓ କାର୍ଯ୍ୟାଳୟ ଅଧୀନରେ ୨୩୫ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ସେଥି ମଧ୍ୟରୁ ଅର୍ଦ୍ଧାଧିକ କେନ୍ଦ୍ର ଗ୍ରାମାଞ୍ଚଳ ଓ ଆଦିବାସୀ ଅଧୁଷିତ ଅଞ୍ଚଳରେ ରହୁଛି। ସଠିକ ତଦନ୍ତ ହେଉ ନ ଥିବା ଏବଂ ଅଧିକାରୀ ମାନଙ୍କ ପାଦ ପଡ଼ୁ ନ ଥିବା କାରଣରୁ ଦିଦି ମାନେ ମନ ପାଇଲେ ଖୋଲନ୍ତି, ନ ହେଲେ ବନ୍ଦ କରି ଦେଉଥିବା ଅଭିଯୋଗ ହେଉଛି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଗାଁ ମାଟିରେ ଯବାନଙ୍କୁ ଶେଷ ସଲାମ୍

ଆସିକା,୨୩।୨(ସମିସ): ଆସିକା ବ୍ଲକ ପଡ଼ାଳ ଗ୍ରାମର କୃଷ୍ଣଚନ୍ଦ୍ର ବାରିକଙ୍କ ସାନ ପୁଅ ଶିବରାମ ବାରିକ ଜାମ୍ମୁ କାଶ୍ମୀର ଉଦମପୁରରେ ସୈନିକ ରୂପେ କାମ କରୁଥିଲେ। ସେନାରେ କାର୍ଯ୍ୟରତ ଥିବା ସମୟରେ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିଲେ। ଦୀର୍ଘଦିନ ହେଲା ସେ ସେଠାକାର ଏକ ମେଡ଼ିକାଲରେ ଚିକିତ୍ସିତ ଅବସ୍ଥାରେ ରହିଥିଲେ। ସେ କୋମାରେ ଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ସ୍ୱର୍ଗତ ଯବାନଙ୍କ ପାର୍ଥିବ ଶରୀର ତାଙ୍କ ଜନ୍ମ ମାଟି ପଡାଳ ଗ୍ରାମରେ ପହଞ୍ଚିଥିଲା। ମାଟିର ବୀର ପୁତ୍ରକୁ ଲୋକେ ଶେଷ ଦର୍ଶନ କରି ଗାଁ ଶ୍ମଶାନରେ ଶେଷ ସଲାମୀ ଦିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

ସୂଚନା ଥାଉକି ଶିବରାମ ୨୦୨୪ ମସିହାରେ ଶିବରାମଙ୍କ ହିମାଞ୍ଚଳ ୟୁନିଟ ଏରିଆରେ ସଡ଼କ ଦୁର୍ଘଟଣାରେ ଗଭୀର ଆଘାତ ଲାଗିଥିଲା। ସେ ରୀତିମତ ଚିକିତ୍ସିତ ହୋଇ ଗତ ଦୁଇ ଦିନ ତଳେ ମୃତ୍ୟୁବରଣ କରିଥିଲେ। ତାଙ୍କର ପାର୍ଥିବ ଶରୀରକୁ ଏସିଏଫ ବାଟାଲିୟନର ଭାସ୍କର ମହାଦେବ ଭାବରକାର, ବିଶ୍ୱଜିତ ପ୍ରଧାନଙ୍କ ନେତୃତ୍ୱରେ ପ୍ରଥମେ ଗୋପାଳପୁର ଆର୍ମି ଏକାଡେମୀକକୁ ଅଣାଯାଇଥିଲା। ପରେ ନିଜ ଗାଁ ଜନ୍ମ ମାଟି ପଡାଳକୁ ଅଣା ଯାଇଥିଲା। ବୃଦ୍ଧ ବାପା, ମା, ଓ ଅବସରପ୍ରାପ୍ତ ସେନା କର୍ମଚାରୀ ଭାଇ ଚିତ୍ରସେନ ବାରିକ, ଆସିକା ବିଡ଼ିଓ ରାଜେନ୍ଦ୍ର ନାୟକ, ଏବିଡ଼ିଓ ସୁଶାନ୍ତ ବେହେରା, ସରପଞ୍ଚ ଲକ୍ଷ୍ମୀ ବେହେରା, ପୂର୍ବତନ ସରପଞ୍ଚ ସଞ୍ଜୟ ଜେନା, ସିଡିପିଓ ଶାନ୍ତିକର ସୁଧା ପଟନାୟକ, ପଡାଳ ଆୟୁଷ ଡାକ୍ତର ଅକ୍ଷୟ କୁମାର, ପୂର୍ବ ସୈନିକ ସଂଗଠନର ସଭାପତି କାଳୁ ଚରଣ ପ୍ରଧାନ, ଉପସଭାପତି ନିକୁଞ୍ଜ ପ୍ରଧାନ, ସମ୍ପାଦକ ଅଭୟ ଚରଣ ପାତ୍ର, ସମେତ ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ, ଗ୍ରାମବାସୀ ଉପସ୍ଥିତ ଥିଲେ।

## ଘର ପୋଡ଼ି ଅଭିଯୋଗରେ ଜଣେ ଗିରଫ

ପୋଲସରା,୨୩।୨(ସମିସ): କଷିପଡା ଗ୍ରାମରେ ଘରେ ନିଆଁ ଲଗାଇ ଦେବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କଷିପଡା ଗ୍ରାମର ଲକ୍ଷ୍ମୀ ଜାନି ଓ ଅନ୍ୟମାନେ ପୋଲସରା ଥାନାରେ ଦେଇଥିବା ଏତଲା ଅନୁଯାୟୀ ୧୯ ତାରିଖ ରାତିରେ ସମସ୍ତେ ଶୋଇଥିବା ସମୟରେ ହଠାତ୍ ଘରେ ନିଆଁ ଲାଗିଯାଇଥିଲା। ଗରମ ଲାଗିବାରୁ ଏବଂ ବିଭିନ୍ନ ପ୍ରକାର ଶବ୍ଦ ହେବାରୁ ଲକ୍ଷ୍ମୀ ଜାନି ନିଦରୁ ଉଠି ପାଟି କରିଥିଲେ। ଫଳରେ ପଡ଼ୋଶୀ ଉଠି ଦେଖିଲା ବେଳକୁ ଭାବରଡା ଗ୍ରାମର ଶିବ ଜାନି ଏବଂ ଖୁମ୍ଭୁଲା ଗ୍ରାମର ସନା ପ୍ରଧାନ, ଜଡ଼ା ପ୍ରଧାନ ଓ ଧନୁ ପ୍ରଧାନ ସେଠାରେ ଠିଆ ହୋଇଥିଲେ। ସେମାନେ ସମସ୍ତେ ଲକ୍ଷ୍ମୀ ଜାନି ଓ ଅନ୍ୟ ମାନଙ୍କୁ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଏହି ଘଟଣା ଦେଖି ଗ୍ରାମର ଅନ୍ୟ ମାନେ ଆସିବାରୁ ଅଭିଯୁକ୍ତ ମାନେ ସେଠାରୁ ଚାଲି ଯାଇଥିଲେ। ଏସମ୍ପର୍କରେ ଲକ୍ଷ୍ମୀ ଓ ଅନ୍ୟ ମାନେ ଏତଲା ଦେବା ପରେ ପୁଲିସ ମୋକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଛି। ରବିବାର ପୁଲିସ ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶିବକୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତ ମାନଙ୍କୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

## ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି



ପୋଲସରା,୨୩।୨(ସମିସ): ପୋଲସରା ବ୍ଲକ ବାଲିଛାଇ ପଞ୍ଚାୟତରେ ଜନଶୁଣାଣି ହୋଇଯାଇଛି। ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ମୋଟ ୩୫ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିମଧ୍ୟରୁ ୧୪ଟିର ତତ୍କାଳ ସମାଧାନ ହୋଇଥିଲା। ୧୪ଜଣଙ୍କୁ ଘରପଟ୍ଟା ବଣ୍ଟନ କରାଯାଇଥିଲା। ସରପଞ୍ଚ ସରପଞ୍ଚ ପର୍ଶୁରାମ ପ୍ରଧାନ, ସମିତିସଭ୍ୟ ବିଘ୍ନେଶ୍ୱର ବେହେରା, ଏବିଡିଓ ସୋନମ୍ ବେହେରା, ସିଡିପିଓ ତିଳୋତ୍ତମା ରାଉତ ଅଭିଯୋଗ ଗ୍ରହଣ କରିଥିଲେ। ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ସ୍ୱରୁପ ତ୍ରିପାଠୀ, ବ୍ଲକ ଯନ୍ତ୍ରୀ ଶରତ ଚନ୍ଦ୍ର ମଲ୍ଲ, କୃଷି ଅଧିକାରୀ ଗଣେଶ୍ୱର ସାହୁ, ବିଭିଓ ଡଃ ଭକ୍ତଚରଣ ଦଳାଇ, ଫିସରୀ ପ୍ରିୟବ୍ରତ ଦାସ, ବରିଷ୍ଠ ରାଜସ୍ୱ ସହାୟକ ଗିରିଜା ଶଙ୍କର ମିଶ୍ର, ବନପାଳ କାର୍ତ୍ତିକ ସାହୁ, ମେଡିକାଲ ଅଫିସର ଆଶାଲତା ପ୍ରଧାନ, ଏବିଇଓ ବଳରାମ ବେହେରା ସମେତ ବିଭିନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଜନଶୁଣାଣୀ ଅଧିକାରୀ ଲିପ୍ସାରାଣୀ ଭଞ୍ଜ, ଏଡିଓ ବଳରାମ ପ୍ରଧାନ ସମେତ ଅଙ୍ଗନବାଡ଼ିକର୍ମୀ, ସିଆରପି, ଏମବିକେ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିର ପୁନଃପ୍ରତିଷ୍ଠା ଉତ୍ସବ

ରମ୍ଭା,୨୩।୨(ସମିସ): ଶ୍ରୀଜଗନ୍ନାଥ ମନ୍ଦିର ପୁନଃପ୍ରତିଷ୍ଠା ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ବିରୁଳିଗଡ଼ ରାଜା ଶ୍ରୀମହେନ୍ଦ୍ର ବିକ୍ରମ ସିଂ ଦେଓ ଓ ପୂଜ୍ୟ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କଂଗ୍ରେସ ନେତା ଅନେକ ନାମିଦାମୀ ସାମିଲ ହେବା ସହ ଦେଶ ଓ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ତଥା ଭାରତର ଚାରିଧାମ ଭିତରୁ ଅନେକ ସାଧୁ ସନ୍ଥ ତଥା ସହଯୋଗୀଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଘଣ୍ଟ ମୃଦଙ୍ଗ, ବାଦ୍ୟ ବାଜଣାରେ ଓ ପୁଷ୍ପ ବୃଷ୍ଟି କରାଯାଇ ଯଜ୍ଞସ୍ଥଳକୁ ପାଛୋଟି ନିଆଯାଇଥିଲା।

## ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରତିଷ୍ଠା ମହୋତ୍ସବ



ଦିଗପହଣ୍ଡି,୨୩।୨(ସମିସ): ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରେ ୪ ଦିନବ୍ୟାପୀ ଶ୍ରୀ ଲକ୍ଷ୍ମୀନୃସିଂହ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଶୁଭାରମ୍ଭ ହୋଇଛି। ପୂର୍ବାହ୍ନରେ ବହୁସଂଖ୍ୟକ ଶ୍ରଦ୍ଧାଳୁ ସ୍ଥାନୀୟ ପୋଖରୀରେ ପହଞ୍ଚି ଗଙ୍ଗା ଆବାହନ ଦୀକ୍ଷାଭିଶେକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପରେ ପୂର୍ଣ୍ଣକଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବା ପରେ ମନ୍ଦିର ମହାଯଜ୍ଞ ସ୍ଥଳରେ ପହଞ୍ଚିଥିଲା। ବିଜୟ ପଦ୍ମନାଭପୁର ଲାଡ଼ି ଗାଁର ମୁଖ୍ୟ ପୁରୋହିତ ପ୍ରସନ୍ନ ଦାସ ଶର୍ମାଙ୍କ ପୌରୋହିତ୍ୟରେ କର୍ତ୍ତା ଭାବେ ଡ଼ା.ଏମ.ନାଗେଶ୍ୱର ଓ ତାଙ୍କ ସହଧର୍ମିଣୀ ଏମ.ଚନ୍ଦ୍ରକଳା ଉପସ୍ଥିତ ରହି ବନଯୋଗ ଓ ଅଙ୍କୁରାରୋପଣ କାର୍ଯ୍ୟ ସମାହିତ କରିଥିଲେ। ମଙ୍ଗଳବାର ମହାଯଜ୍ଞ ସ୍ଥଳରେ ବ୍ରାହ୍ମଣବରଣ, ଶାଳା ସଂସ୍କାର ପରେ ବୈଷ୍ଣବ ଅଗ୍ନି ସ୍ଥାପନ କରାଯାଇ ୧୬ ପ୍ରହର ନାମ ସଙ୍କୀର୍ତ୍ତନ ସହ ମନ୍ଦିର ପ୍ରତିଷ୍ଠା କର୍ମାରମ୍ଭ ଓ ରତ୍ନମୁଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଫାଲଗୁନ ଶୁକ୍ଳପକ୍ଷ ଦଶମୀ ତିଥି ଗୁରୁବାର ଉଦଯାପନ ସହ ମହାଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ଜଣାପଡିଛି।

## ପୂର୍ବ ଶତ୍ରୁତାରୁ ବୋମା ମାଡ଼
# ବନ୍ଥପଲ୍ଲୀ ଗାଁ ପୁଣି ଅଶାନ୍ତ

ଦିଗପହଣ୍ଡି,୨୩।୨(ସମିସ): ଦିଗପହଣ୍ଡି ଥାନା ମହୁଡ଼ା ବନ୍ଥପଲ୍ଲୀ ଗ୍ରାମର ପ୍ରଶାନ୍ତ ଭୁଁୟାଙ୍କ ଘର ଉପରକୁ ବୋମା ମାଡ଼ କରାଯାଇଛି। କିଛିଦିନର ନୀରବତା ପରେ ପୂର୍ବ ଶତ୍ରୁତାକୁ ନେଇ ଏହି ବୋମା ମାଡ଼ କରାଯାଇଛି। ଫଳରେ ସମଗ୍ର ଗାଁ ଅଶାନ୍ତ ହୋଇପଡିଛି। ରବିବାର ବିଳମ୍ବିତ ରାତି ପ୍ରାୟ ୧ଟାରେ କୌଣସି ଦୁର୍ବୃତ୍ତ ପ୍ରଶାନ୍ତଙ୍କ ଘର ଉପରକୁ ବୋମା ନିକ୍ଷେପ କରିଛି। ବୋମା ବିସ୍ଫୋରଣରେ ପ୍ରଶାନ୍ତଙ୍କ ସ୍କୁଟି ଓ ସାଇକେଲ ସାମାନ୍ୟ କ୍ଷତି ହୋଇଛି। ପ୍ରଶାନ୍ତ ହିଞ୍ଜିଳି କାଟୁ ଅଞ୍ଚଳର ଜଣେ ଠିକାଦାରଙ୍କ ପାଖରେ ରହି କାମ ତଦାରଖ କରୁଥିବା ବେଳେ କାହିଁକି କୌଣସି ଦୁର୍ବୃତ୍ତ ତାଙ୍କୁ ଏବଂ ତାଙ୍କ ପରିବାର ଲୋକଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ଏହି ବୋମା ମାଡ଼ କରିଛି ସେନେଇ କୌଣସି ସୂଚନା ମିଳିପାରିନାହିଁ। ଏନେଇ ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ରଙ୍କୁ ପଚାରିବାରୁ ସୋମବାର ସନ୍ଧ୍ୟା ସୁଦ୍ଧା ଥାନାରେ ଏନେଇ କେହି ଏତଲା ଦେଇନଥିବା କହିଛନ୍ତି। ପୂର୍ବରୁ ପ୍ରଶାନ୍ତଙ୍କ ଜଣେ ସମ୍ପର୍କୀୟଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ଘଟଣାରେ ପ୍ରଶାନ୍ତ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଅଭିଯୁକ୍ତ ମାନଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ଜଣେ ଅଭିଯୁକ୍ତ ବିଚାରାଧୀନ ଅନ୍ତେବାସୀ ଭାବେ ବ୍ରହ୍ମପୁର ଜେଲରେ ଥିବା ଜଣାପଡ଼ିଛି। ଏହି କାରଣକୁ ନେଇ ବୋମା ମାଡ଼ କରାଯାଇଥାଇପାରେ ବୋଲି ସନ୍ଦେହ କରାଯାଉଥିବା ଆଇଆଇସି କହିଛନ୍ତି।

## ଖୁବ୍‌ଶୀଘ୍ର ଆରମ୍ଭ ହେବ ଜଗନ୍ନାଥ ମନ୍ଦିର ମରାମତି କାର୍ଯ୍ୟ



ଖଲ୍ଲିକୋଟ,୨୩।୨(ସମିସ): ଓଡ଼ିଶାର ଦ୍ୱିତୀୟ ବୃହତ୍ତମ କୁହାଯାଉଥିବା ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିରର ମରାମତି କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ସାଂସଦ ଅନିତା ଶୁଭଦର୍ଶିନୀ ପ୍ରତିଶ୍ରୁତି ଦେଇଛନ୍ତି। ଡ. ଏପିଜେ ଅବଦୁଲ କଲାମ ଜନକଲ୍ୟାଣ ଚାରିଟେବୁଲ ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଶ୍ରୀମତୀ ଶୁଭଦର୍ଶିନୀ ଏହି ପ୍ରତଶ୍ରୁତି ଦେଇଥିଲେ। ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ, ବିଜେପି ନେତା ଅନୀଲ କୁମାର ପଣ୍ଡା, ବିଶିଷ୍ଟ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ରଥ, ଧର୍ମଶାଳା ମହିଳା ମହାବିଦ୍ୟାଳୟ ଦର୍ଶନ ବିଭାଗ ମୁଖ୍ୟ ଡ.ସୁଧାକର ଦାଶ, କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ସମ୍ପାଦକ ପଞ୍ଚାନନ ସୁର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ୧୬ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ପ୍ରଭାତ କୁମାର ଷଡ଼ଙ୍ଗୀ, ଅଧାପିକା ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ପ୍ରଭାତୀ କୁମାରୀ ଦାସ, ସରୋଜବାଳା ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ଦୀପିକା ଦାସ, ସୁପ୍ରଭା ରାଉତ, ଲକ୍ଷ୍ମୀ ଦାସ, ମହାଦେବ ମଲ୍ଲିକ, ଦଣ୍ଡପାଣି ବେହେରା, ଦିଲ୍ଲୀପ କୁମାର ସାହୁ, ଉପଦେଷ୍ଟା ବଂଶୀଧର ସେଠୀ ସହଯୋଗ କରିଥିଲେ। ବିଦ୍ୟୁତ ପ୍ରଭା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତିର ଜାତୀୟ ସମ୍ମିଳନୀ




ଦିଗପହଣ୍ଡି,୨୩।୨(ସମିସ): ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସକଫ୍)ର ୨୪ ତମ ଜାତୀୟ ସମ୍ମିଳନୀ ଚେନ୍ନାଇ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ (ଇସକଫ)ର ଜାତୀୟ ପରିଷଦ ଅଧ୍ୟକ୍ଷ ଭାନୁଦେବ ଦତ୍ତ ସଭାପତିତ୍ୱ କରିଥିବା ବେଳେ ବିଶ୍ୱ ଶାନ୍ତି ପରିଷଦର ସଭାପତି ପଲ୍ଲବ ସେନ୍ ଗୁପ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ମିଳନୀକୁ ଉଦଘାଟନ କରିଥିଲେ। ଆନ୍ତର୍ଜାତୀୟ ଶାନ୍ତି, ଭାରତର ସାର୍ବଭୌମତ୍ୱ ଓ ସାମ୍ପ୍ରଦାୟିକ ସଦ୍ଭାବ ବଜାୟ ରଖିବା ଉପରେ ସମ୍ମିଳନୀରେ ବିଭିନ୍ନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସେହିପରି ସମ୍ମିଳନୀ ଶେଷରେ ଚେନ୍ନାଇ ଘୋଷଣାନାମା ଗୃହୀତ କରାଯାଇ ଆନ୍ତର୍ଜାତୀୟ ସ୍ତରରେ ଅନ୍ୟ ଦେଶକୁ ଓ ଜାତୀୟ ସ୍ତରରେ ବିଭିନ୍ନ ରାଜ୍ୟ ମଧ୍ୟରେ ସାଂସ୍କୃତିକ ପ୍ରତିନିଧି ଦଳ ପ୍ରେରିତ କରାଯାଇ ସମ୍ପର୍କ ଏବଂ ସଂଗଠନ ସୁଦୃଢ଼ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଶେଷରେ ଇସକଫ୍ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇ ପଶ୍ଚିମବଙ୍ଗର ବିଶିଷ୍ଟ ଲେଖକ ଭାନୁଦେବ ଦତ୍ତଙ୍କୁ ଅଧ୍ୟକ୍ଷ ଏବଂ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ ବିଜୟ କୁମାର ପଢିଆରିଙ୍କୁ ସାଧାରଣ ସମ୍ପାଦକ ଭାବେ ପୁନଃ ନିର୍ବାଚିତ କରାଯାଇଥିଲା। ସେହିପରି ସୁପ୍ରିମକୋର୍ଟ ପୂର୍ବତନ ମୁଖ୍ୟ ବିଚାରପତି କେ.ଜି. ବାଳକ୍ରିଷ୍ଣାନ୍, ଓଡ଼ିଶାର ଜଷ୍ଟିସ ମନୋରଞ୍ଜନ ମହାନ୍ତିଙ୍କୁ ସଭାପତି ମଣ୍ଡଳୀ ସଦସ୍ୟ ଏବଂ ନବଗଠିତ ୮୧ ଜଣିଆ ଜାତୀୟ ପରିଷଦକୁ ଓଡ଼ିଶାର ଜାନକୀ ବଲ୍ଲଭ ମହାନ୍ତି, ବିଜୟ କୁମାର ମହାନ୍ତି, ସଦାନନ୍ଦ ସାହୁ, କିଶୋରୀ ଦାସ, ସଞ୍ଜୟ ପରିଜା, ବିଷ୍ଣୁ ମୁଦୁଲିଙ୍କ ସମେତ ଗଞ୍ଜାମ ଜିଲ୍ଲାର ଆଇନଜୀବୀ ଗୋକୁଳ ଚନ୍ଦ୍ର ପଣ୍ଡା ଏବଂ ହରପ୍ରସାଦ ରଥଙ୍କୁ ନିର୍ବାଚିତ କରାଯାଇଛି।

## ବାଇକ୍ ଚୋରି ମାମଲାରେ ଯୁବକ ଗିରଫ




ବେଲଗୁଣ୍ଠା,୨୩।୨(ସମିସ): ଗତ ଜୁନ୍ ମାସରେ ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ବଡ଼ ବୋର୍ସିଂ ଗ୍ରାମରେ ହୋଇଥିବା ମୋଟରସାଇକେଲ୍ ଚୋରି ମାମଲାରେ ଆଜି ଗାଙ୍ଗପୁର ପୁଲିସ୍ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣଙ୍କ ହେଲା ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମର ସୋମନାଥ ରଣା। ପୂର୍ବରୁ ଏହି ମୋଟରସାଇକେଲ୍ ଚୋରି ଘଟଣାରେ କେଶ୍ ନମ୍ବର୍ ୪୪୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିଲା। ସୋମବାର ସୋମନାଥଙ୍କ ଠାରୁ ଚୋରି ବାଇକ୍ ଉଦ୍ଧାର କରି ତାକୁ ଭଞ୍ଜନଗର କୋର୍ଟଚାଲାଣ କରାଯାଇଥିବା ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ କହିଛନ୍ତି।

## ଦୋଳ ଯାତ୍ରା ଲାଗି ପ୍ରଶାସନର ପ୍ରସ୍ତୁତି



ଗଞ୍ଜାମ,୨୩।୨(ସମିସ): ଆସନ୍ତା ମାର୍ଚ୍ଚ ୧ ତାରିଖରେ ଗଞ୍ଜାମ ସହରରେ ଐତିହାସିକ ଦୋଳ ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଗଞ୍ଜାମ ଥାନା ପୁଲିସ ପକ୍ଷରୁ ଶାନ୍ତି କମିଟି ବୈଠକ ସୋମବାର ସନ୍ଧ୍ୟାରେ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇଆଇସି ସୁମିତ୍ରା ପାତ୍ର, ଭାରପ୍ରାପ୍ତ ଥାନା ଆଇଆଇସି ଶୁଭଲକ୍ଷ୍ମୀ କଁଅର, ଏସଆଇ ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁଦୀପ୍ତ ସାହୁ, ମହିଳା ସେକେଣ୍ଡ ଅଫିସର ସୁପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ସହରାଞ୍ଚଳ ସମେତ ସୂର୍ଯ୍ୟ ନାରାୟଣପୁର ଓ ବିଞ୍ଝଣାପଲ୍ଲୀ ଗ୍ରାମର ଗଠିତ ବିଭିନ୍ନ ସାହିର ସମସ୍ତ ୧୬ ଠାକୁର ଯାତ୍ରାକୁ ଯିବାବେଳେ ଶୃଙ୍ଖଳିତ ଭାବେ ଶୋଭାଯାତ୍ରା କରିବାକୁ ଆଲୋଚନା ହୋଇଥିଲା। ଏଥିପାଇଁ ସମସ୍ତ ସାହିର ଦୁଇ ଜଣ ଯୁବକ ଏପରିକି ୩୪ ଜଣକୁ ନେଇ ଶାନ୍ତି କମିଟି ଗଠନ ହୋଇଥିଲା। ସାହି ଯାତ୍ରା ବେଳେ ସମସ୍ତ ସାହି ଗୁଡିକରେ ପୁଲିସ ମୁତୟନ ହେବ। ଚଳିତ ବର୍ଷ ଗ୍ରହଣ ଲାଗୁ ଥିବା ଯୋଗୁ ଠାକୁର ନୀତି ସାମାନ୍ୟ ବିଳମ୍ବ ହେବ ବୋଲି ଆଲୋଚନା ହୋଇଥିଲା।

## ଶ୍ରୀଚୈତନ୍ୟ ଗୌଡୀୟ ମଠର ବାର୍ଷିକ ମହୋତ୍ସବ



ବୁଗୁଡ଼ା,୨୩।୨(ସମିସ): ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ଗ୍ରାମସ୍ଥିତ ଶ୍ରୀଚୈତନ୍ୟ ଗୌଡୀୟ ମଠର ବାର୍ଷିକ ମହୋତ୍ସବ ଓ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଠ ରକ୍ଷକ ଶ୍ରୀଭକ୍ତିଶରଣ ଶାନ୍ତଙ୍କ ତତ୍ତ୍ୱାବଧାନରେ ମଠ ପରିସରସ୍ଥ ସଂକୀର୍ତ୍ତନ ମଣ୍ଡପରେ ଆୟୋଜିତ ସମ୍ମିଳନୀରେ ଭକ୍ତିସୌଧ ଜିତେନ୍ଦ୍ରିୟ ମହାରାଜ, ଭକ୍ତିବିବେକ ପରମାର୍ଥ ମହାରାଜ, ଭକ୍ତିହୃଦୟ ନିରୀହ ମହାରାଜ, ଭକ୍ତିସମ୍ବନ୍ଧ ଶୁଦ୍ଧାଦ୍ୱୈତୀ ମହାରାଜ, ଭକ୍ତିଜୀବନ ଅବଧୂତ ମହାରାଜ, ଶ୍ରୀପାଦ ଦିନତାରଣ ବ୍ରହ୍ମଚାରୀ ପ୍ରମୁଖ ପ୍ରବକ୍ତା ଭାବେ ଯୋଗ ଦେଇ ଆଲୋଚ୍ୟ ବିଷୟ ସଂକୀର୍ତ୍ତନର ମହୀ, ସାଧୁସଙ୍ଗର ମହିମା ଏବଂ ବିଗ୍ରହ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ମହୋତ୍ସବ ଅବସରରେ ନାମସଂକୀର୍ତ୍ତନ ହୋଇଥିଲା। ଏଥିରେ ବିଭିନ୍ନ ପ୍ରାନ୍ତରୁ ଆଗତ ସାଧୁସନ୍ଥଙ୍କ ସମେତ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା। ଏହି ମହୋତ୍ସବ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

## ପଶୁପକ୍ଷୀଙ୍କ ସୁରକ୍ଷା ଲାଗି ପଦକ୍ଷେପ
# ପାକିଡ଼ି ପାହାଡ଼ରେ ପାନୀୟ ଜଳ ବ୍ୟବସ୍ଥା

ଶେରଗଡ଼,୨୩।୨(ସମିସ)



ଆଗକୁ ଖରାଦିନ ଆସୁଛି। ଏହି ଖରା ଦାଉରୁ ରକ୍ଷା ପାଇବା ଲାଗି ପାଣିର ନିହାତି ଆବଶ୍ୟକ ରହିଛି। ସୋମବାର ଘୁମୁସର ବନଖଣ୍ଡ ଅଧିକାରୀ ଏବଂ ଦକ୍ଷିଣ ବନଖଣ୍ଡ ବନାଞ୍ଚଳ ଅଧିକାରୀ ଆସିକାଙ୍କ ନିର୍ଦ୍ଦେଶ କ୍ରମେ ଆଗାମୀ ଗ୍ରୀଷ୍ମପ୍ରବାହକୁ ନଜରରେ ରଖି ବନ୍ୟଜନ୍ତୁ ଏବଂ ଜାତୀୟ ପକ୍ଷୀ ମୟୂର ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ତୃଷା ନିବାରଣ ଲାଗି ଆସିକା ବନାଞ୍ଚଳ ଅନ୍ତର୍ଗତ ଶେରଗଡ ସେକ୍ସନର ପାକିଡି ପାହାଡର ବିଭିନ୍ନ ଗ୍ରାମ ଯଥା-ଚିକିଲି, କାଞ୍ଜିଆମ୍ବା, ଚେରମାରିଆ, ତହଁର ଏବଂ ଶୋଭାଚନ୍ଦ୍ରପୁର ଓ ବଡଗଡ ସି (ୟୁଡିପିଏଫ)ର ନିକଟସ୍ଥ ସମସ୍ତ ଗ୍ରାମ ଯଥା-ଗର୍ବଗଣ୍ଡା, ବାଦୁଆପଲ୍ଲୀ, ଖୋଲ ନିକଟବର୍ତ୍ତୀ ଅଞ୍ଚଳରେ ପୂର୍ବରୁ ରହିଥିବା ପାଣିକୁଣ୍ଡରେ ପାଣି ଭର୍ତ୍ତି କାର୍ଯ୍ୟ ଚାଲୁ ରହିଛି। ସେହିପରି ଆସିକା ସେକ୍ସନର ଜଗତି ପଡିଆ, ନାରାୟଣପୁର, ଭେଟନେଇ, ବଜ୍ରକୋଟ, ସାଇବ ବଗଡ ଅଞ୍ଚଳରେ କୃଷ୍ଣ ସାର ମୃଗଙ୍କ ଲାଗି ମଧ୍ୟ ପାଣିକୁଣ୍ଡରେ ପାଣି ଭର୍ତ୍ତି କାର୍ଯ୍ୟକ୍ରମ ଜାରି ରହିଛି। ବନ୍ୟଜନ୍ତୁଙ୍କୁ ପାଣି ଯୋଗାଇ ଦେବା କାର୍ଯ୍ୟ ସମଗ୍ର ଖରାଦିନ ବା ଜୁନ ମାସ ପର୍ଯ୍ୟନ୍ତ ଜାରି ରହିବ ବୋଲି ଶେରଗଡ ବନପାଳ ରାଜେନ୍ଦ୍ର କୁମାର ଗୌଡ଼ ପ୍ରକାଶ କରିଛନ୍ତି।

# ବିଇଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ସାଧାରଣ ପରିଷଦ ବୈଠକ ୨୫ରେ

- ୩ମାସ ବ୍ୟବଧାନରେ ବୈଠକ ହେଉଥିବାରୁ ଆଲୋଚନା ସରଗରମ ହେବା ସମ୍ଭାବନା
- ଟେଣ୍ଡର ଆହ୍ୱାନରେ ବିଳମ୍ବ, ଭତ୍ତା ଜନିତ ସମସ୍ୟା, ବିକାଶରେ ବାଧା ହେବ ପ୍ରସଙ୍ଗ
- ବିଜେଡି ଦଖଲରେ ଥିବା ବିଇଏମ୍‌ସିକୁ ସରକାରୀ ଅବହେଳା ନେଇ ଉଠିବ ସ୍ୱର

ବ୍ରହ୍ମପୁର,୨୩।୨(ସମିସ): ଦିର୍ଘ ୩ମାସ ବ୍ୟବଧାନରେ ଆସନ୍ତା ୨୫ତାରିଖରେ ବ୍ରହ୍ମପୁର ମହାନଗର ନିଗମର ଗୁରୁତ୍ୱପୂର୍ଣ୍ଣ ସାଧାରଣ ପରିଷଦ ବା କର୍ପୋରେସନ ବୈଠକ ବସିବାକୁ ସ୍ଥିର ହୋଇଛି। ଯଦିଓ ଏଥି ପୂର୍ବରୁ ଗୋଟିଏ ସ୍ୱତନ୍ତ୍ର ଓ ଗୋଟିଏ ଜରୁରୀ ବୈଠକ ହୋଇଥିଲା ତେବେ ଗତ ୨୦୨୫ମସିହା ନଭେମ୍ବର ୨୧ତାରିଖରେ ନିଗମର ଶେଷ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ନିୟମିତ ଭାବେ ପ୍ରତି ମାସରେ ଅଥବା ଦୁଇମାସରେ ଥରେ କର୍ପୋରେସନ ବୈଠକ ବସିବାର ବିଧି ଥିବା ବେଳେ ଏଥିରେ ନିୟମିତ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହୋଇଛି। ଫଳରେ ସହରର ବିଭିନ୍ନ ୱାର୍ଡରେ ଥିବା ସମସ୍ୟାର ସମାଧାନ ହେବାରେ ଏପରିକି ସାମଗ୍ରିକ ଭାବେ ବିକାଶ କ୍ଷେତ୍ରରେ ବାଧା ଉପୁଜୁଥିବା ଅଭିଯୋଗ କରିଛନ୍ତି ଖୋଦ୍ ଅଧିକାଂଶ କର୍ପୋରେଟର। ବିଳମ୍ବରେ ହେଲେ ମଧ୍ୟ କର୍ପୋରେସନ ବୈଠକ ବସିବାକୁ ଥିବା ବେଳେ ଏଥିରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସରଗରମ ଆଲୋଚନା ହେବ ବୋଲି ଜଣାପଡିଛି। ଖାସ କରି ବିଭିନ୍ନ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନରେ ଅହେତୁକ ବିଳମ୍ବ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ସୁଯୋଗ ପ୍ରଦାନ ସହିତ ଭତ୍ତା ଅର୍ଥ ପ୍ରଦାନରେ ବିଳମ୍ବ। ସେହିଭଳି ପୂର୍ବ ସରକାର ଅମଳରେ ବିଇଏମସିରେ ଚାଲିଥିବା ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି ହେବା ଓ ବିଜେଡି ଦଖଲରେ ଥିବା ନିଗମକୁ ରାଜ୍ୟ ସରକାରଙ୍କ ଅବହେଳା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବା ସମ୍ଭାବନା ରହିଛି। ବିଇଏମସିର ପୂର୍ବ ବଜେଟ ଅନୁଯାୟୀ ସରକାରୀ ଅନୁଦାନ ଆସିବାରେ ବିଳମ୍ବ ଯୋଗୁଁ ବହୁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନଥିବା ବେଳେ ଅନେକ ଅଧପନ୍ତରିଆ ଭାବେ ପଡିରହିଛି। ସେହିଭଳି ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନରେ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ସୁଯୋଗ ନଦେବା ସବୁଠୁ ବଡ ସମସ୍ୟା ହୋଇଛି। ଯାହାକୁ ନେଇ କର୍ପୋରେଟରମାନଙ୍କୁ ନିଜ ନିଜ ଅଞ୍ଚଳରେ ଜନସାଧାରଣଙ୍କ ଆକ୍ରୋଶର ଶୀକାର ହେବାକୁ ପଡୁଛି। କର୍ପୋରେସନ ବୈଠକରେ ନିଆଯାଉଥିବା ବିଭିନ୍ନ ନିଷ୍ପତ୍ତି କାର୍ଯ୍ୟକାରୀ ହେଉନଥିବା ଏପରିକି ବିଭିନ୍ନ ୱାର୍ଡାର ନୂତନ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯାଉ ନ ଥିବାରୁ କର୍ପୋରେଟରଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ଆସନ୍ତା ୨୫ତାରିଖରେ ହେବାକୁ ଥିବା ବୈଠକରେ ଉଗ୍ରରୂପ ଧାରଣ କରିବ ବୋଲି ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ବିଧାନସଭାର ବଜେଟ ଅଧିବେଶନ ଚାଲିଥିବାବେଳେ ୨୪ ତାରିଖରେ ପ୍ରଥମ ପର୍ଯ୍ୟାୟ ଅଧିବେଶନ ଶେଷ ହେବ। ପୁଣିଥରେ ୯ ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ବିଧାନସଭା ଅଧିବେଶନର ଛୁଟି ଦିନ ମଧ୍ୟରେ ବ୍ରହ୍ମପୁର ମବହାନଗର ନିଗମର ସାଧାରଣ ପରିଷଦ ବୈଠକ ଡକାଯିବାକୁ ସ୍ଥିର କରାଯାଇଥିବା ନେଇ ସୂଚନା ଦେଇଛନ୍ତି ମେୟର ସଂଘମିତ୍ରା ଦଳେଇ। ସାଧାରଣ ପରିଷଦ ବୈଠକ ପୂର୍ବରୁ ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବସିବା ବିଧି ରହିଥିବା ବେଳେ ବର୍ତ୍ତମାନ ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟି ଓ ଆଉ କିଛି କମିଟି ବୈଠକ ହୋଇପାରିନଥିବା ସୂଚନା ମିଳିଛି। ତେବେ କର୍ପୋରେସନ ଓ ସଂସ୍ଥାପନା ଷ୍ଟାଣ୍ଡିଂ କମିଟି, ଟିକସ, ଅର୍ଥ ଓ ଆୟବ୍ୟୟ ଷ୍ଟାଣ୍ଡିଂ କମିଟି ସମେତ କଣ୍ଟ୍ରାକ୍ଟ କମିଟି ଆଦିର ବୈଠକ ହୋଇସାରିଥିଲେ ହେଁ କମିଟି ଦ୍ୱାରା ସୁପାରିଶ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରି ନାହିଁ କିମ୍ବା କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇପାରି ନାହିଁ।

## ଚୋରି ଅଭିଯୋଗରେ ଯୁବକ ଗିରଫ

ଫିରିଙ୍ଗିଆ,୨୩।୨(ସମିସ): ଚୋରି ଅଭିଯୋଗରେ ଜଣେ ଯୁବକକୁ ଗିରଫ କାରି କୋର୍ଟ ଚାଲାଣ କରିଛି ଫିରିଙ୍ଗିଆ ପୁଲିସ। ଅଭିଯୁକ୍ତ ଜଣକ ହେଉଛି ଫିରିଙ୍ଗିଆ ଥାନା ନୁଆପଦର ପଞ୍ଚାୟତ ବିଲୁ ପଦର ଗାଁର ସୁମନ୍ତ ଦିଗାଲ। ସୂଚନା ଅନୁସାରେ ଶନିବାର ବିଳମ୍ବିତ ରାତିରେ ବିଲୁପଦର ଗାଁର ଉଲପି ବେହେରା ନାମକ ଜଣେ ମହିଳାଙ୍କ ଘର ଲୋକ ଘରେ ତାଲା ପକେଇ ଫୁଲବାଣୀ ଡାକ୍ତରଖାନାକୁ ଯାଇଥିବା ସୁଯୋଗ ନେଇ ଅଭିଯୁକ୍ତ ଜଣକ ତାଙ୍କ ଘରର ତାଲା ଭାଙ୍ଗି ଏକ ସିଲିଂ ଫ୍ୟାନ, ଏକ ପାଣି ପମ୍ପ ଓ ଏକ ବାକ୍ସରେ ରଖା ହୋଇଥିବା ନଗଦ ଚାରିହଜାର ଟଙ୍କା ଚୋରି କରି ଫେରାର ହୋଇଯାଇଥିଲା। ରବିବାର ସକାଳେ ପରିବାର ଲୋକେ ଘରକୁ ଆସି ଚୋରି ହୋଇଥିବା ଜାଣିବା ପରେ ଫିରିଙ୍ଗିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ଫିରିଙ୍ଗିଆ ଥାନାରେ ଏକ ଚୋରି ମାମଲା ରୁଜୁ କରିବା ସହ ଥାନା ଅଧିକାରୀ ମୁରଲିଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲା। ଚୋରି ହେବାର ଆଠ ଘଣ୍ଟା ନପୂରୁଣୁ ଚୋରକୁ ଧରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ପାଖରୁ ପୁଲିସ ସମସ୍ତ ଚୋରି ସାମଗ୍ରୀ ମଧ୍ୟ ଜବତ କରିଥିଲା। ସମ୍ପୃକ୍ତ ଚୋରକୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ମୁରଲୀଧର ସାହୁ।

## ଗୋଦର ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର



ବ୍ରହ୍ମପୁର,୨୩।୨(ସମିସ): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନର ଫାଇଲେରିଆ ବା ଶ୍ଳୀପଦ ରୋଗ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି କହିଛନ୍ତି ଯେ, ସନ୍ତସନ୍ତିଆ ଜାଗାରେ ଫାଇଲେରିଆ କୃମି ଯୁକ୍ତ ଆନୋଫିଲିସ ମଶା ବଢ଼ନ୍ତି, ଏମାନେ କାମୁଡ଼ିଲେ କୀଟ ଲସିକା ସଂବହନରେ ଯାଇ ଲସିକାଗ୍ରନ୍ଥକୁ ବଢାଇ କମ୍ପନ ଯୁକ୍ତ ଜ୍ୱର, ମୁଣ୍ଡବ୍ୟଥା, ଗୋଡ, କୋଷ, ହାତ, ନାକ, କାନ ବା ଓଠ ଫୁଲିଯାଏ। ଲସିକା ଆସୁଥିବାରୁ କ୍ଷୀର ରଙ୍ଗର ପରିସ୍ରା ହୁଏ। ଅର୍ଦ୍ଧ ରାତ୍ରିରେ ରକ୍ତ ପରୀକ୍ଷା କରି ବା ନାଡୀ ଦେଖି ରୋଗ ନିର୍ଣ୍ଣୟ ହୁଏ। ମଶା ବଂଶ ନାଶ କରି,ମଶାରୁ ଦୂରେଇ ରହିଲେ ରୋଗ ହୁଏ ନାହିଁ। ଖଟା, ବାସୀ ଥଣ୍ଡା ଓ କଫ କାରକ ଖାଦ୍ୟ ଛାଡି ହଳଦୀ ଚୂର୍ଣ୍ଣ ଗୁଡ଼ ସହ ବା ଗିଲ ପତ୍ର ବା ଗୁଳୁଚି ପତ୍ର ରସ ସହ ସୋରିଷ ତେଲ ପିଇଲେ ଭଲ ହୋଇଯାଏ। ଫୁଲା ବ୍ୟଥା ସ୍ଥାନରେ ଦୁଦୁରା କିମ୍ବା ବୃଦ୍ଧଦ ରକପତ୍ର ବାଟି ଗରମ କରି ଲଗାଇଲେ ଭଲ ହୋଇଯାଏ। ଫୁଲା ସ୍ଥାନରେ ଶୁଦ୍ଧ ଜୋକ ଲଗାଇଲେ ଅଶୁଦ୍ଧ ରକ୍ତ ବାହାରିଯାଇ ଫୁଲା ଶୀଘ୍ର କମିଯାଏ। ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ଓ ଔଷଧ ବିତରଣ କରିଥିଲେ। ଶିବିରର ପରିଚାଳନାରେ ସହଯୋଗ କରିଥିଲେ କେ. ବାଳକୃଷ୍ଣ ପାତ୍ର।

## ଦୁର୍ଗମ ଅଞ୍ଚଳକୁ ଟିପିଏସ୍‌ଓଡିଏଲ୍‌ର ଗୁଣାତ୍ମକ ବିଜୁଳି ସେବା

# ଉପକୃତ ହେବେ ୨ ହଜାର ଉପଭୋକ୍ତା



ବ୍ରହ୍ମପୁର,୨୩।୨(ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକ୍ ଅନ୍ତର୍ଗତ ମାର୍ଥାପୁଟଠାରେ ୪.୭୩ ସର୍କିଟ୍ କିଲୋମିଟର ଲମ୍ବା ଏକ ନୂତନ ୩୩କେଭି ଲାଇନ ପ୍ରତିଷ୍ଠା କରାଯାଇଛି। ଦକ୍ଷିଣ ଓଡ଼ିଶା ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ଅଟେ। ନୂତନ ଭିତ୍ତିଭୂମି କାରଣରୁ ପାଖାପାଖି ୨ହଜାରରୁ ଅଧିକ ଉପଭୋକ୍ତାଙ୍କୁ ଅଧିକ ଭରସାଯୋଗ୍ୟ ବିଜୁଳି ସେବା ମିଳିପାରିଛି। ଆନ୍ଧ୍ରପ୍ରଦେଶ ସୀମାନ୍ତ ତଥା ପୂର୍ବଘାଟ ପର୍ବତମାଳାର ବଳୟ ଭିତରେ ରହିଥିବା କାରଣକୁ କୋରାପୁଟ ଜିଲ୍ଲାରେ ବିଜୁଳି ଯୋଗାଣ ଅପେକ୍ଷାକୃତ ଭାବେ ଅନ୍ୟ ସ୍ଥାନ ତୁଳନାରେ କଷ୍ଟସାଧ। ଏହିକ୍ରମରେ ଲମତାପୁଟ ବ୍ଲକରେ ବିଜୁଳି ଯୋଗାଣକୁ ନେଇ ଥିବା ସମସ୍ୟାର ସମାଧାନ ପାଇଁ ନୂଆ ଲାଇନ ପ୍ରତିଷ୍ଠା କରି କମ୍ପାନୀ ଗୁଣ।।କ ସେବା ସୁନିଶ୍ଚିତ କରୁଛି। ପ୍ରତିଷ୍ଠା ହୋଇଥିବା ନୂତନ ୩୩ କେଭି ଫିଡର ଲମତାପୁଟ ବ୍ଲକ ଅନ୍ତର୍ଗତ ଗଣେଇପଦା, ଜଳହଞ୍ଜର, ଚିକେନପୁଟ୍, ଗୋଦିହଞ୍ଜର, ଅନକାଡେଲି ଓ ବଡ଼ିଗଡ଼ା ଅଞ୍ଚଳର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଇବ। ପୂର୍ବରୁ ମାର୍ଥାପୁଟ ପ୍ରାଥମିକ ସବଷ୍ଟେସନକୁ ସୁନାବେଡ଼ା ଗ୍ରୀଡ୍ ସବଷ୍ଟେସନରୁ ପ୍ରାୟ ୭୦କିଲୋମିଟର ଲମ୍ବା ୩୩ କେଭି ଲାଇନ ମାଧ୍ୟମ ବିଦ୍ୟୁତ ଯୋଗାଣ ହେଉଥିଲା। ଘନ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ, ବିଶେଷ କରି ବର୍ଷା ସମୟରେ ବିଦ୍ୟୁତଜନିତ ତ୍ରୁଟି ଚିହ୍ନଟରେ ବିଳମ୍ବ ହେଉଥିଲା ଓ ବିଦ୍ୟୁତ ସେବା ପ୍ରଭାବିତ ହେଉଥିଲା। ସଂପ୍ରତି ଏହି ସମସ୍ୟା ଦୂର ହୋଇଛି। ଲମତାପୁଟ ଗ୍ରୀଡ୍ ସବଷ୍ଟେସନରୁ ସ୍ୱତନ୍ତ୍ର ଫିଡର କାର୍ଯ୍ୟକ୍ଷମ ହେବା ପରେ ବିଜୁଳି ଯୋଗାଣ ନିମନ୍ତେ ବିକଳ୍ପ ଉତ୍ସ ମିଳିପାରିଛି। ଯାହା ମୂଳ ତଥା ଲମ୍ବା ଲାଇନ ଉପରେ ନିର୍ଭରତାକୁ ହ୍ରାସ କରିଛି। ସେହିପରି ନନ୍ଦପୁର ଫିଡର ମାଧ୍ୟମରେ ବିକଳ୍ପ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଏହି ପଦକ୍ଷେପ ସମଗ୍ର ଅଞ୍ଚଳରେ ଭୋଲଟେଜ୍ ସମସ୍ୟା ଦୂର କରିବା ସହ ବିଜୁଳି ଯୋଗାଣରେ ସ୍ଥିରତା ଆଣିବ ଓ ତ୍ରୁଟି ଚିହ୍ନଟ ପ୍ରକ୍ରିୟା ତ୍ୱରିତ ବେଗରେ କରାଯାଇପାରିବ। ଘରୋଇ ଉପଭୋକ୍ତାଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, କ୍ଷୁଦ୍ର ଉଦ୍ୟୋଗ ତଥା କୃଷି ଓ ଜୀବନଜୀବିକା କ୍ଷେତ୍ରକୁ ଗୁଣାଳକ ବିଜୁଳି ସେବା ମିଳିବ। ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ମାର୍ଥାପୁଟରେ ନୂତନ ୩୩କେଭି ଲାଇନ ପ୍ରତିଷ୍ଠା ହେବା ଦ୍ୱାରା ଭୌଗଳିକ ଦୃଷ୍ଟିକୋଣରୁ ଆହ୍ୱାନପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଗୁଣାଳକ ବିଜୁଳି ଯୋଗାଣ ପୂର୍ବାପେକ୍ଷା ସହଜ ହୋଇପାରିଛି। ସେହି ଅଞ୍ଚଳଗୁଡ଼ିକରେ ବିଜୁଳି ଯୋଗାଣରେ ସ୍ଥିରତା ଆସିବା ସହ ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଶୀଘ୍ର କରାଯାଇପାରୁଛି। ଆମେ ନୂତନ ଭିତ୍ତିଭୂମିମାନ ପ୍ରତିଷ୍ଠା କରି ଉପଭୋକ୍ତାଙ୍କୁ ଗୁଣ।।କ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ ନିମନ୍ତେ ପ୍ରତିବଦ୍ଧ ଅଟୁ।

# ଲାଞ୍ଜିପଲ୍ଲୀ ବାଇପାସ୍ ଛକ ଓଭରବ୍ରିଜ ନିର୍ମାଣରେ ବିଳମ୍ବ

**ଘୋଷଣାରେ ସୀମିତ ରହିବ ନା କାମ ଆଗେଇବ?**

ବ୍ରହ୍ମପୁର, ୨୩।୨ (ସମିସ): ହଳଦିଆପଦର ଓଭରବ୍ରିଜ ଉପରେ ଦୁର୍ଘଟଣାରେ ୫ଜଣଙ୍କ ଜୀବନ ଯିବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସେପଟେ ଲାଞ୍ଜିପଲ୍ଲୀ ବାଇପାସ ଛକରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ହେଉଛି। ଅନେକଙ୍କ ଅକାଳରେ ପ୍ରାଣ ମଧ୍ୟ ଯାଉଛି। ଏଠାରେ ଓଭରବ୍ରିଜ ନିର୍ମାଣ ନେଇ ଦୀର୍ଘ ବର୍ଷ ହେଲା ଦାବି ହେଉଥିବା ବେଳେ ନେତା ଓ ମନ୍ତ୍ରୀଠାରୁ ଆରମ୍ଭ କରି ସରକାରୀ ଅଧିକାରୀମାନେ ଓଭରବ୍ରିଜ ନିର୍ମାଣ ନେଇ କେବଳ ପ୍ରତିଶ୍ରୁତି ଦେଇ ଆସିଛନ୍ତି। ଏପରିକି ବ୍ରିଜ ନିର୍ମାଣ ହେବ କହି ସେଠାରେ ଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ କରିଛନ୍ତି। ଉଚ୍ଛେଦ ଦେଖି ଲୋକେ ଭାବିଲେ ଏଥର କାମ ଆରମ୍ଭ ହେବ। କିନ୍ତୁ ଏଯାବତ ହୋଇପାରି ନାହିଁ। ଶୁଣିବାକୁ ମିଳୁଛି କିଛି ଲୋକ ପିଟିସନ ଦାଖଲ କରିଛନ୍ତି। ପ୍ରଶାସନ ପକ୍ଷରୁ ପିଟିସନକାରୀଙ୍କୁ ସେମାନଙ୍କ ଜାଗାର ଟଙ୍କା ଦିଆ ଯାଇନଥିବା କୁହାଯାଉଛି। ଯାହା ଫଳରେ ସେମାନେ କୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। ନିକଟରେ ଲାଞ୍ଜିପଲ୍ଲୀ ବାଇପାସ ଛଅରେ ଏକ ଦୁର୍ଘଟଣାରେ ବ୍ରହ୍ମପୁର ବଡବଜାର ଗୌଡ ସାହିର ଜେ. ରୂପସୁନ୍ଦରୀ(୭୫) ନାମକ ଜଣେ ବୃଦ୍ଧା ମହିଳା ମୃତ୍ୟୁ ବରଣ କରିଥିଲେ। ସ୍ଥାନୀୟ ଲୋକେ ବାରମ୍ବାର ବ୍ରିଜ ନିର୍ମାଣ କରିବାକୁ ଦାବି କରି ଆସୁଥିଲେ ହେଁ ତାହା କଲମ କାଗଜରେ ସୀମିତ ଥିଲା ଭଳି ମନେ ହେଉଛି। ଲାଞ୍ଜିପଲ୍ଲୀ ବାଇପାସ ଦେଇ ସକାଳ ଆରମ୍ଭରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଛକରେ ଶହ ଶହ ଗାଡ଼ି ଯାତାୟତ କରୁଛି। ଗୋଟିଏ ପରେ ସହର ମଧ୍ୟକୁ ଯାତାୟତ ରହିଥିବା ବେଳେ ଅନ୍ୟପଟେ ଜାତୀୟ ରାଜପଥରେ ମଧ୍ୟ ଭାରିଯାନ ଗୁଡ଼ିକ ଯାତାୟତ କରିଥାଏ। ଯାହାଫଳରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ହେଉଛି। ବାରମ୍ବାର ଦୁର୍ଘଟଣାକୁ ନେଇ ଦୀର୍ଘ ବର୍ଷ ହେଲା ଲାଞ୍ଜିପଲ୍ଲୀ ବାଇପାସ୍ ଛକରେ ଏକ ଓଭରବ୍ରିଜ ନିର୍ମାଣ ଦେଇ ଦାବି ହୋଇ ଆସୁଛି। କିନ୍ତୁ ଏଥିରେ ଶିଥିଳତା ଦେଖାଦେଇଛି। ପୂର୍ବରୁ ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର ସଦସ୍ୟ ଓ ସହରବାସୀ ଜାତୀୟ ରାଜପଥ କାର୍ଯ୍ୟାଳୟ ବାରଣ୍ଡାରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେପଟେ ଗତ ଫେବୃୟାରୀ ମାସରେ ଆଇଆଇଟି ମାଡ୍ରାସର ପ୍ରଫେସର ଭେଙ୍କଟେଶ ବାଲ ସୁବ୍ରମଣ୍ୟମଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରହ୍ମପୁର ଗସ୍ତ କରିଥିଲେ। ଏହି ଟିମ୍ ସହର ଓ ସହରକୁ ଲାଗି ରହିଥିବା ଜାତୀୟ ରାଜପଥରେ କାହିଁକି ଦୁର୍ଘଟଣାର ମାତ୍ରା ବଢୁଛି ସେନେଇ ବ୍ରହ୍ମପୁର ଏସପି ଡ଼ା.ଶର୍ବଣା ବିବେକ ଏମ୍‌ଙ୍କ ସହ ସମୀକ୍ଷା କରିଥିଲେ। ବ୍ରହ୍ମପୁରକୁ ଲାଗି ରହିଥିବା ମୋଟ ୧୦ଟି ସ୍ଥାନକୁ ବ୍ଲାକସ୍ପଟ୍ ଭାବେ ଘୋଷଣା କରିବା ସହିତ ଓଭରବ୍ରିଜ ନିର୍ମାଣ ଓ ସର୍ଭିସ୍ ରୋଡ଼କୁ ଦୁଇ ଲାଇନ କରିବା ନିମନ୍ତେ ବ୍ରହ୍ମପୁର ଏସପି ଓ ସରକାରଙ୍କୁ କହିଥିଲେ। ଏହାପରେ ଲାଞ୍ଜିପଲ୍ଲୀ ବାଇପାସରେ ପୁଲିସ ପକ୍ଷରୁ ଯାତ୍ରୀଙ୍କ ସୁରକ୍ଷା ପାଇଁ ଅଧିକ କର୍ମଚାରୀ ନିୟୋଜିତ ଅଛନ୍ତି। ଏହାସହିତ ସୁରକ୍ଷିତ ଭାବେ ଯାତାୟତ ପାଇଁ ବାଇପାସ୍ ଛକରେ ସୂଚନା ଫଳକ ତଥା ବ୍ୟାରିକେଟ୍ ଲଗାଯାଇଛି। ସୂଚନା ଫଳକ ତଥା ବ୍ୟାରିକେଟ୍ ଲଗାଯିବା ଓ କର୍ମଚାରୀ ନିୟୋଜିତ ହେବା ପରେ ଦୁର୍ଘଟଣା ମଧ୍ୟ କମ୍ ହୋଇଛି। ସେଠାରେ ଓଭରବ୍ରିଜ ନିର୍ମାଣ ନେଇ ସରକାର ଯୋଜନା କରୁଛନ୍ତି। ଓଭରବ୍ରିଜ ହେଲେ ହିଁ ଦୁର୍ଘଟଣାକୁ ସମ୍ପୂର୍ଣ୍ଣ ରୂପେ ରୋକାଯାଇପାରିବ ପୁଲିସ ପକ୍ଷରୁ କୁହାଯାଇଛି। ତେବେ କେବେ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ତାହା ହିଁ ଦେଖିବାକୁ ବାକି ରହିଲା।

## ଥାନାଧିକାରୀଙ୍କ ଗାଡ଼ିକୁ ପଇଡ଼ ମାଡ଼

ବ୍ରହ୍ମପୁର,୨୩।୨(ସମିସ): ଗୋପାଳପୁର ଥାନା କରାପଲ୍ଲୀ ଛକରେ ରାତ୍ର ପ୍ରାୟ ୮ଟା ସମୟରେ ପାଟ୍ରୋଲିଂ ଚାଲିଥିବା ସମୟରେ ଥାନା ଅଧିକାରୀଙ୍କ ଗାଡ଼ିକୁ କେହି ଜଣେ ଦୁର୍ବୃତ୍ତ ପଛପଟୁ ପଇଡ଼ ଫିଙ୍ଗି କାଚ ଭାଙ୍ଗି ଚମ୍ପଟ ମାରିଥିବା ଜଣାପଡ଼ିଛି। ସୂଚନା ପ୍ରକାରେ ଗୋପାଳପୁର ଥାନାରେ ନୂତନ ଥାନା ଅଧିକାରୀ ସତ୍ୟରଞ୍ଜନ ଲେଙ୍କା ଦାୟିତ୍ୱ ନେବା ପରେ ଅଞ୍ଚଳରେ ପାଟ୍ରୋଲିଂ କଡ଼ା କଡ଼ି କରିଛନ୍ତି। ଆଜି କରାପଲ୍ଲୀ




ଛକରେ ଥିବା ଏକ ଦେଶୀ ମଦ ଦୋକାନ ନିକଟରେ ଟ୍ରାଫିକ ସମସ୍ୟା ବୁଝି ଫେରୁଥିବା ସମୟରେ କେହି ଜଣେ ଦୁର୍ବୃତ୍ତ ପଛପଟୁ ପଇଡ଼ ଫିଙ୍ଗିବାରୁ ପଛପଟ କାଚ ଭାଙ୍ଗି ଚୂରମାର ହୋଇଯାଇଥିଲା। ଘଟଣାସ୍ଥଳରେ ପୁଲିସ ଟିମ୍ ତଦନ୍ତ ଜାରି ରଖିବା ଜଣାପଡ଼ିଛି।

## ଭାରତ ବିକାଶ ପରିଷଦର ଗୁରୁ ବନ୍ଦନ ଓ ମେଧା ବୃତ୍ତି ସମ୍ମାନ

ବ୍ରହ୍ମପୁର,୨୩।୨(ସମିସ): ଭାରତ ବିକାଶ ପରିଷଦ ବ୍ରହ୍ମପୁର ଶାଖା ପକ୍ଷରୁ 'ଗୁରୁ ବନ୍ଦନ ଛାତ୍ର ଅଭିନନ୍ଦନ' ଏବଂ 'ମେଧା ବୃତ୍ତି ସମ୍ମାନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଭାପତି ସୀମାଞ୍ଚଳ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାକେଶ କୁମାର ପରିଡା, ପୂର୍ବ ପ୍ରାନ୍ତ ସଭାପତି ସତ୍ୟବାଦୀ ଦାଶ, ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଶାଖା ସମ୍ପାଦକ ଶିବରାମ ରେଡ୍ଡୀ ଯୋଗ ଦେଇଥିଲେ। ଗୁରୁ ବନ୍ଦନା ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀ ମାନେ ନିଜ ନିଜର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଫୁଲ ଚନ୍ଦନ ଦେଇ ପୂଜା କରିଥିଲେ। ଶିକ୍ଷା



ଜରିଆରେ ନିଜର ଓ ସାମାଜିକ ପରିବର୍ତ୍ତନ କରିବା ଏବଂ ଦେଶାବୋଧକୁ ଜୀବନର ମନ୍ତ୍ର ଭାବେ ଗ୍ରହଣ କରିବା ପାଇଁ କହିଥିଲେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ମେଧା ବୃତ୍ତି ସମ୍ମାନ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦର ସଦ୍ୟସ ବାଇଧର ଗୌଡ଼, କୁମୁଦ ରଞ୍ଜନ ଜେନା, ଯାଜ୍ଞସେନି ଦେବୀଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

ଜି.ଉଦୟଗିରି,୨୩।୨(ସମିସ): ଜି.ଉଦୟଗିରି ପଞ୍ଚାୟତ ସଭାଗୃହରେ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ୪୨ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ବ୍ଲକ ଅଧକ୍ଷା ସୁଷମା ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଶୁଣାଣିରେ ଜିଲ୍ଲାପାଳ ବେଦଭୂଷଣ, ଉପଜିଲ୍ଲାପାଳ ପ୍ରାଣିତ ଦାସ, ଜିଲ୍ଲାଯୋଜନା ପ୍ରକଳ୍ପ ଅଧିକାରୀ ଶମ୍ଭୁ ନାଥ ନନ୍ଦୀ, ବାଲିଗୁଡା ଆଦିବାସୀ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ କୃପାସିନ୍ଧୁ ବେହେରା ମଞ୍ଚାସୀନ ଥିବା ବେଳେ ବିଡ଼ିଓ ସତ୍ୟନାରାୟଣ ମିଶ୍ର, ତହସିଲଦାର ରଞ୍ଜନ କୁମାର ସାହୁ, ଥାନାଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ସହିତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ରହିଥିଲେ। ପଞ୍ଜୀକୃତ ୪୨ ଅଭିଯୋଗ ମଧ୍ୟରେ ୬ ଆବାସ ସମସ୍ୟା, ଉନ୍ନୟନ ମୂଳକ ୯, ପେନସନ ସଂକ୍ରାନ୍ତ ୨ ,ଜମିଜମା ୨ , ରାସନ ସମ୍ବନ୍ଧୀୟ ୪, ପାନୀୟ ଜଳ ସମ୍ବନ୍ଧୀୟ ୩ , ଅନାନ୍ୟା ୧୫ ଏହିପରି ୪୨ ଅଭିଯୋଗ ଶୁଣିଥିଲେ ଜିଲ୍ଲାପାଳ। ଅଭିଯୋଗ ଶୁଣାଣିରେ ବ୍ଲକରେ ସ୍ଥାୟୀ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦପୂରଣ କରିବା ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବ୍ଲକର ୮ ସରପଞ୍ଚ ଓ ସମିତିସଭ୍ୟ।

# ପୀତବାସ ପଣ୍ଡା ହତ୍ୟା ମାମଲାର ଶୁଣାଣି ଆଜି; ଚାର୍ଜଫ୍ରେମ ସମ୍ଭାବନା କ୍ଷୀଣ



- ଏମକେସିଜିରେ ପୂର୍ବତନ ବିଧାୟକ 'ବିକ୍ରମ' ଓ କର୍ପୋରେଟର 'ମଳୟ'ଙ୍କ ଚିକିତ୍ସା ଜାରି
- ମଦନ ଦଳେଇଙ୍କ ହେବ ସ୍ୱାସ୍ଥ୍ୟ ପରୀକ୍ଷା, ୪ଜଣିଆ କମିଟି ଗଠିତ
- ଦୁଇ ବିହାରୀ ଓ ସୁନୀଲଙ୍କ ସମେତ ୫ଜଣଙ୍କ ଜାମିନ ଆବେଦନ ଉପରେ ଶୁଣାଣି ଆଜି

ବ୍ରହ୍ମପୁର,୨୩।୨(ସମିସ): ଆଇନଜୀବୀ ପିତବାସ ପଣ୍ଡା ହତ୍ୟା ମାମଲାରେ ମଙ୍ଗଳବାର ଅର୍ଥାତ୍ ୨୪ତାରିଖରେ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଚାର୍ଜ ଫ୍ରେମ ପାଇଁ ଯଦିଓ ଦିନ ଧାର୍ଯ୍ୟ ହୋଇଛି ତେବେ ଏଥିପାଇଁ ସମସ୍ତ ୧୬ଜଣ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ହେବା ଜରୁରୀ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, କର୍ପୋରେଟର ମଳୟ ବିଶୋୟୀ ଏବଂ ମଦନ ଦଳେଇଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ସେମାନେ ବ୍ୟକ୍ତିଗତ ହାଜର ହେବା ସମ୍ଭବପର ନୁହେଁ ବୋଲି ସ୍ପଷ୍ଟ ହୋଇଛି। ଫଳରେ ମଙ୍ଗଳବାର ମାମଲାର ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜଫ୍ରେମ ସମ୍ଭାବନା କ୍ଷୀଣ ରହିଛି। ସେପଟେ ମଙ୍ଗଳବାର ମାମଲାରେ ଗିରଫ ୫ଜଣ ଅଭିଯୁକ୍ତ ସୁନୀଲ କୁମାର ହୋତା, ବିପିନ ସ୍ୱାଇଁ, ସୀମାଞ୍ଚଳ ନାଇକ, କୁନ୍ଦନ କୁମାର ଓ ଶିଶୁପାଳ କୁମାର ପାଶ୍ୱାନଙ୍କ ପକ୍ଷରୁ ହୋଇଥିବା ଜାମିନ ଆବେଦନ ଉପରେ ଶୁଣାଣି ହେବ। ଏବଂ ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଦାଶ, ମଦନ ଦଳେଇ ଓ ମଳୟ ବିଷୋୟୀଙ୍କ ପକ୍ଷରୁ ସେମାନଙ୍କ ଓକିଲଙ୍କ ଦ୍ୱାରା ଦାଖଲ ପିଟିସନ ଉପରେ ମଧ୍ୟ ଶୁଣାଣି ହେବ ବୋଲି ଜଣାପଡ଼ିଛି। ଗତ ୬ତାରିଖ ଠାରୁ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପେଟ ଓ ଛାତିରେ ଯନ୍ତ୍ରଣା ଯୋଗୁଁ ସେ ଏମକେସିଜିରେ ଚିକିତ୍ସିତ ହେଉଥିବା ବେଳେ କର୍ପୋରେଟର ମଳୟ ବିଶୋୟୀ ଗୁରୁତର ଅବସ୍ଥାରେ ବିଗତ ୫ଦିନ ଧରି ମେଡିସିନ ଆଇସିୟୁରେ ଭର୍ତ୍ତି ହୋଇ ଜୀବନ ସହ ସଂଘର୍ଷ କରୁଛନ୍ତି। ସେହିଭଳି ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ଆଇନଜୀବୀ ମଦନ ଦଳେଇଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଆବଶ୍ୟକ ନିଦାନ କରି ଚିକିତ୍ସା ସମ୍ପର୍କିତ ରିପୋର୍ଟ ଓ ପରାମର୍ଶ ତୁରନ୍ତ କୋର୍ଟକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ପରେ ଏଥିପାଇଁ ଏମକେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ୪ଜଣିଆ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ମେଡିକାଲ ଅଧିକ୍ଷକ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥିଙ୍କ କାର୍ଯ୍ୟାଳୟରୁ ଜାରି ନୋଟିସ ପ୍ରକାରେ କମିଟିରେ ଭେଷଜ ବିଭାଗ ମୁଖ୍ୟଙ୍କ ସମେତ ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ, ଶଲ୍ୟ ବିଭାଗ ମୁଖ୍ୟ ଓ ନ୍ୟୁରୋଲୋଜି ବିଭାଗୀୟ ମୁଖ୍ୟଙ୍କୁ ଟିମରେ ସାମିଲ କରାଯାଇଛି। ଆସନ୍ତା କାଲି ଅର୍ଥାତ୍ ୨୪ତାରିଖରେ ଏହି ବିଶେଷଜ୍ଞ ଟିମ ମଦନଙ୍କ ଆବଶ୍ୟକ ନିଦାନ କରି ରିପୋର୍ଟ ମୁତାବକ ଚିକିତ୍ସା ପରାମର୍ଶ କୋର୍ଟଙ୍କୁ ପ୍ରଦାନ କରିବେ ବୋଲି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ମାମଲାର ସମସ୍ତ ତଥ୍ୟ ଓ ପ୍ରମାଣ ଦାଖଲ ପାଇଁ ଅଭିଯୁକ୍ତଙ୍କ ଓକିଲ ଦାଖଲ କରିଥିବା ପିଟିସନର ଶୁଣାଣି କରି କୋର୍ଟ ଆସନ୍ତା ୨୪ତାରିଖ ସୁଦ୍ଧା ୧୬୪ବୟାନର କପି, ଅଭିଯୁକ୍ତ ଚିହ୍ନଟ ପ୍ୟାରେଡ ବା ଟିଆଇ ପରେଡର କପି, ଫଟୋ ଓ ଭିଡିଓ ସମ୍ବଳିତ ପେନ ଡ୍ରାଇଭ, ଫଟୋଗ୍ରାଫ କପି, ସିଡିଆର ରିପୋର୍ଟ, ସିସିଟିଭି ଫୁଟେଜ କପି ଆଦି ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି। ପିତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ପୂର୍ବତନ ମେୟର ପିଣ୍ଟୁ ଦାଶ ସୁରକ୍ଷା ଦୃଷ୍ଟି କୋଣରୁ ଫୁଲବାଣୀ ମଣ୍ଡଳ କାରାଗାରରେ ବନ୍ଦୀ ଅଛନ୍ତି। ମଙ୍ଗଳବାର ପିଣ୍ଟୁଙ୍କ ସମେତ ଅବଶିଷ୍ଟ ଅବଶିଷ୍ଟ ୧୩ଜଣ ଅଭିଯୁକ୍ତ ଭର୍ଚୁଆଲ ମାଧ୍ୟମରେ କୋର୍ଟରେ ହାଜର ହେବେ ବୋଲି ସୂଚନା ମିଳିଛି। ପ୍ରକାଶ ଯୋଗ୍ୟ ଯେ' ଆସନ୍ତା ୨୫ତାରିଖରେ ହାଇକୋର୍ଟରେ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ଜାମିନ ଆବେଦନ ଉପରେ ଶୁଣାଣି ରହିଛି। ପୂର୍ବରୁ ଏହି ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର କୁମାର ସାହୁଙ୍କୁ ଜିଲ୍ଲା ଓ ଦୌରାଜଜ୍ ସର୍ତ୍ତମୂଳକ ଜାମିନ ପ୍ରଦାନ କରିସାରିଛନ୍ତି।

### ମୃତ ମାଓବାଦୀଙ୍କ ମୁଣ୍ଡ ଉପରେ ଥିଲା ୨୨ ଲକ୍ଷର ଇନାମ

# ମାର୍ଚ୍ଚ ସୁଦ୍ଧା ଲକ୍ଷ୍ୟ ହାସଲ ସୁନିଶ୍ଚିତ: ଏଡିଜି ସଞ୍ଜୀବ ପଣ୍ଡା



ଫୁଲବାଣୀ,୨୩।୨(ସମିସ): ଲକ୍ଷ୍ୟ ଅନୁଯାୟୀ ଆସନ୍ତା ମାର୍ଚ୍ଚ ସୁଦ୍ଧା କନ୍ଧମାଳ ଜିଲ୍ଲା ମାଓମୁକ୍ତ ହେବ। ଆଜି ସ୍ଥାନୀୟ ପୁଲିସ ରିଜର୍ଭରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଦୃଢୋକ୍ତି କରିଛନ୍ତି ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା। ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡା ଓ ବୌଦ୍ଧ ଭଳି ମାଓ ପ୍ରଭାବିତ ଜିଲ୍ଲା ଇତି ମଧ୍ୟରେ ମାଓମୁକ୍ତ ଘୋଷିତ ହୋଇ ସାରିଥିବା ବେଳେ କନ୍ଧମାଳ ଜିଲ୍ଲା ପୁଲିସ ଏହି ଲକ୍ଷ୍ୟ ଦିଗରେ ଆଗେଇ ଚାଲିଛି। ଜିଲ୍ଲାରେ ଏବେ ମାଓବାଦୀଙ୍କ ସଂଖ୍ୟା ୩୦ରୁ କମ ରହିଛି। ଅପରପକ୍ଷରେ ସୁରକ୍ଷା ବାହିନୀର କ୍ରମାଗତ ଓ ସଫଳ ଅପରେସନ ଯୋଗୁଁ ମାଓବାଦୀ ପ୍ରତିଦିନ ସେମାନଙ୍କ ଠିକଣା ପରିବର୍ତ୍ତନ କରୁଥିବା ଏଡିଜି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରବିବାର କନ୍ଧମାଳ ପୁଲିସକୁ ମିଳିଛି ଚଳିତ ବର୍ଷର ପ୍ରଥମ ସଫଳତା। ଦୁଇ କ୍ୟାଡର ମାଓବାଦୀ ପୁଲିସ ଗୁଳିରେ ନିହତ ହୋଇଥିବା ବେଳେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିଛି ସୁରକ୍ଷା ବାହିନୀ। ଶ୍ରୀ ପଣ୍ଡା ଦେଇଥିବା ସୂଚନା ଅନୁସାରେ, ରାଇକିଆ ଥାନା ଅନ୍ତର୍ଗତ କରଡା ଜଙ୍ଗଲରେ ମାଓ ଗତିବିଧି ସୂଚନା ପାଇ ୨୦ ତାରିଖ ରାତିରେ ଏସଓଜିର ୧୧ ଟିମ୍ ସହିତ ସିଆରପିଏଫର ୨ ଟିମ ମିଳିତ ଭାବେ କମ୍ବିଂ ଅପରେସନ ଆରମ୍ଭ କରିଥିଲା। ରବିବାର ସକାଳେ କରଡା ରେଞ୍ଜ ଅନ୍ତର୍ଗତ ନନ୍ଦାବାଡି ସଂରକ୍ଷିତ ଜଙ୍ଗଲରେ ପୁଲିସ ସହିତ ମୁହାଁମୁହିଁ ହୋଇଥିଲା ଲାଲବାହିନୀ। ଜଙ୍ଗଲରେ ଲୁଚିଥିବା ମାଓବାଦୀ ଗୁଳି ଚଳାଇବାରେ ସୁରକ୍ଷା ବାହିନୀ ଏହାର ପାଲଟା ଜବାବ ଦେଇଥିଲା। ଏନକାଉଣ୍ଟରରେ ଦୁଇ ମାଓବାଦୀ ନିହତ ହୋଇଥିଲେ। ମୃତକ ମାନଙ୍କ ମଧ୍ୟରୁ ଜଣେ ହେଲେ କେକେବିଏନର ଡେପୁଟି ପ୍ଲାଟୁନ କମାଣ୍ଡର ଜାଗେସ ଓ ଅନ୍ୟ ଜଣେ ପାର୍ଟି ମେମ୍ବର ରହ୍ମା। ଉଭୟ ଛତିଶଗଡ଼ ରାଜ୍ୟ ସୁକମା ଅଞ୍ଚଳର। ସେମାନେ ମାଓନେତା ସୁକ୍ରୁଙ୍କ ନେତୃତ୍ୱରେ କେକେବିଏନ ସଙ୍ଗଠନରେ ସକ୍ରିୟ ଥିଲେ ଏବଂ ୨୦୨୦ରୁ ୨୦୨୪ ମଧ୍ୟରେ ଏକାଧିକ ମାଓ ହିଂସାରେ ସମ୍ପୃକ୍ତ ଥିଲେ। କନ୍ଧମାଳ ସମେତ ରାଜ୍ୟର ବିଭିନ୍ନ ଥାନାରେ ସେମାନଙ୍କ ନାମରେ ୧୧ମାମଲା ରହିଥିବା ସୂଚନା ଦେଇଛି ପୁଲିସ। ଜାଗେସଙ୍କ ମୁଣ୍ଡ ଉପରେ ୨୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସର୍ଚ୍ଚ ଅପରେସନ ବେଳେ ଘଟଣା ସ୍ଥଳରୁ ପୁଲିସ ଏକ ଏକେ-୪, ରକେଟ ଲଞ୍ଚର, ଏକ ଏସ ଏଲ ଆର ବନ୍ଧୁକ, ମାଗାଜିନ, ଗ୍ରେନେଡ, ଡିଟୋନେଟର ସହିତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ପୁଲିସ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଏବେବି ସର୍ଚ୍ଚ ଅପରେସନ ଜାରି ଥିବା ପ୍ରକାଶ କରିଛନ୍ତି କନ୍ଧମାଳ ଏସପି ହରିଶ ବିସି। ସୁରକ୍ଷା ବାହିନୀର ଏହି ସଫଳତା ପାଇଁ ଏଡିଜି ଶ୍ରୀ ପଣ୍ଡା କନ୍ଧମାଳଙ୍କୁ ଶ୍ରେୟ ଦେଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଆହ୍ୱାନ କ୍ରମେ ୨୦୨୬ ମାର୍ଚ୍ଚ ସୁଦ୍ଧା ରାଜ୍ୟକୁ ମାଓମୁକ୍ତ କରିବା ପାଇଁ ଅଭିଯାନ ଜାରି



ରହିଥିବା ବେଳେ କନ୍ଧମାଳ ଜିଲ୍ଲା ଖୁବଶୀଘ୍ର ଏହି ଲକ୍ଷ୍ୟ ହାସଲ କରିବ ବୋଲି କହିଛନ୍ତି ଡିଆଇଜି ଶ୍ରୀ ପଣ୍ଡା। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଡିଜି ଶ୍ରୀ ପଣ୍ଡା, ଏସପି ହରିଶଙ୍କ ସମେତ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ଡିଆଇଜି(ଏସ ଆଇ ଡବ୍ଲ୍ୟୁ) ଅଖିଳେଶ୍ୱର ସିଂ, ଡିଆଇଜି (ଅପରେସନ) ଡ. ଦୀପକ କୁମାର, ସିଆରପିଏଫ ଡେପୁଟି କମାଣ୍ଡାଣ୍ଟ ବିପିନ ଏବଂ ଏ କେ ସରକାର, କନ୍ଧମାଳ ଅତିରିକ୍ତ ଏସପି ରମେନ୍ଦ୍ର ପ୍ରସାଦ ଉପସ୍ଥିତ ଥିଲେ।

## ୬୮ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ନୂଆଗଡ଼,୨୩।୨(ସମିସ): ନୂଆଗଡ଼ ବ୍ଲକ ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଶୁଣାଣିରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଳତୀ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ତହସିଲଦାର ମୋନାଲିସା ଆଚାର୍ଜି ସମେତ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ। ଶୁଣାଣିରେ ନୂଆଗଡ ପଞ୍ଚାୟତ ସମିତିର ବିଭିନ୍ନ ଗ୍ରାମରୁ ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ଭଳି ୬୮ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ଗ୍ରାମଭିତ୍ତିକ ସମସ୍ୟା ଜନିତ ୫୦ ଅଭିଯୋଗ ଥିବାବେଳେ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୧୮ ଆସିଥିଲା। ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୪ଜଣଙ୍କୁ ନୂତନ ଭାବେ ମଧୁବାବୁ ପେନସନ ଯୋଜନାରେ ସାମିଲ୍ କରାଯାଇଛି। ଦିବ୍ୟାଙ୍ଗକୁ ବିବାହ ପ୍ରୋତ୍ସାହନ ରାଶି ୨ ଲକ୍ଷ ଲକ୍ଷ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଯୋଗାଣ ବିଭାଗ ତରଫରୁ ୭ ଜଣଙ୍କୁ ନୂତନ ରେସନ କାର୍ଡ ପ୍ରଦାନ କରାଯାଇଥିଲା।

● ପାରିବାରିକ କଳହ

## ମଦ୍ୟପ ସାନ ଭାଇକୁ ହତ୍ୟା କଲା ବଡ଼ ଭାଇ

ମୋହନା,୨୩।୨(ସମିସ): ପାରିବାରିକ କଳହର କରୁଣ ପରିଣତି, ସାନ ଭାଇକୁ ହତ୍ୟା କଲା ବଡ଼ ଭାଇ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମୋହନା ଥାନା ଅନ୍ତର୍ଗତ କରଞ୍ଜୀକୁଆ ଗୁଡିସାହି ଗାଁରେ। ମୃତକ ହେଲେ ସେହି ଗ୍ରାମର ହତ୍ୟାକାରୀ ଗୋବିନ୍ଦଙ୍କ ସାନ ଭାଇ ଲୁବି ମଳିକ। ଗତକାଲି ରବିବାର ରାତିରେ ଗୁଡିସାହିରେ କୌଣସି ଘଟଣାକୁ ନେଇ ବଡ଼ ଭାଇ ଗୋବିନ୍ଦ ମଳିକ ଓ ସାନ ଭାଇ ଲୁବି ମଳିକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପରେ ସାନ ଭାଇ ଲୁବି ମଦ୍ୟପାନ କରି ନିଜ ସ୍ତ୍ରୀଙ୍କୁ ମାଡ଼ ମାରିଥିଲା। ଏହି ସମୟରେ ବଡ଼ ଭାଇ ଗୋବିନ୍ଦ ଓ ଭାଉଜ ବୁଝାଉଥିବା ବେଳେ ତାଙ୍କୁ ମଧ୍ୟ ଲୁବି ଆକ୍ରମଣ କରିଥିଲା। ନିଜକୁ ରକ୍ଷା କରିବା ପାଇଁ ବଡ଼ ଭାଇ ଗୋବିନ୍ଦ ସାନ ଭାଇ ଲୁବିକୁ ପ୍ରତି ଆକ୍ରମଣ କରିବା ବେଳେ ସେ ପଥର ଗଦା ଉପରେ ପଡିଯାଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣା ସ୍ଥଳରେ ଲୁବି ଙ୍କ ମୃତ୍ୟୁ ଘଟିଛି ବୋଲି ମୃତକଙ୍କ ସ୍ତ୍ରୀ କହିଛନ୍ତି। ଅନ୍ୟ ପକ୍ଷରେ ମୃତ ଲୁବି ସବୁବେଳେ ମଦ ପିଇ ସମସ୍ତଙ୍କୁ ମାଡ଼ ମାରୁଥିଲା ବୋଲି ବଡ ଭାଇ ଗୋବିନ୍ଦଙ୍କ ସ୍ତ୍ରୀ କହିଛନ୍ତି। ଖବର ପାଇ ମୋହନା ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। ଅଭିଯୁକ୍ତ ବଡ଼ ଭାଇ ଗୋବିନ୍ଦ ମଳିକକୁ ଗିରଫ କରାଯାଇଥିବା ବେଳେ ଟାଙ୍ଗିଆ ଦ୍ୱାରା ମୁଣ୍ଡ ପଛ ଭାଗକୁ ମାରି ଲୁବିକୁ ହତ୍ୟା କରାଯାଇଛି ଏବଂ ଉକ୍ତ ଟାଙ୍ଗିଆକୁ ଜବତ କରାଯାଇ ଘଟଣା ର ତଦନ୍ତ ଆରମ୍ଭ କରାଯାଇଥିବା ତଦନ୍ତ ଅଧିକାରୀ ଏସ୍. ଆଇ ନୀଳମାଧବ ରେଡୀ କହିଛନ୍ତି।

## ୪ ଚାଲାଣକାରୀକୁ ଧରିଲା ପୁଲିସ, ଗଞ୍ଜେଇ ଜବତ

ଜି.ଉଦୟଗିରି,୨୩।୨(ସମିସ): ଜି.ଉଦୟଗିରି ଥାନାର କୁରୁମୁଙ୍ଗିଆରେ ଗଞ୍ଜେଇ ଚାଲାଣ ପାଇଁ ଅପେକ୍ଷା କରିଥିବା ୪ଜଣଙ୍କୁ ପୁଲିସ ଧରିବାରେ



ସଫଳ ହୋଇଛି। କେରଳର ଏର୍ଣ୍ଣାକୁଲମ୍ ଅଞ୍ଚଳର ସାଜିଲ ସାନୁ , ଆମ୍ବାଡ଼ି ସୋନମ, ଆନନ୍ଦୁ ସାଜି ଓ ଯୁଷ୍ଟିନ ପାପାଚା ଗଞ୍ଜେଇ ଧରି ଗାଡ଼ି କୁ ଅପେକ୍ଷା କରିଥିଲେ। ପୁଲିସ ଟିବ ପାଟ୍ରୋଲିଂ କରୁଥିବା ସମୟରେ ଧରା ପଡ଼ିଥିଲେ। ଚାରି ଅଭିଯୁକ୍ତଙ୍କୁ ଜି.ଉଦୟଗିରି ଥାନାକୁ ଅଣାଯାଇ ପଚରାଉଚରା କରାଯାଇଥିଲା। ସେମାନଙ୍କ ଠାରୁ ୧୩ କେଜି ଗଞ୍ଜେଇ ଜବତ ହେବା ସହ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅନ୍ୟ କେଉଁ ମାନେ ଏହି ଗଞ୍ଜେଇ ଚାଲାଣରେ ସାମିଲ ଅଛନ୍ତି, ସେମାନଙ୍କୁ ଧରାଯିବ ବୋଲି ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁ କହିଛନ୍ତି।

## ଜଗନ୍ନାଥଙ୍କୁ ପୁଅ କରି ବାସଗୃହ ଦାନକଲେ ମହିଳା

ପାରଳାଖେମୁଣ୍ଡି,୨୩।୨(ସମିସ): ପାରଳାଖେମୁଣ୍ଡିରେ ନୂତନ ଜଗନ୍ନାଥ ମନ୍ଦିର କାର୍ଯ୍ୟ ଚାଲୁ ରହିଛି। ଏହି ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଜଗନ୍ନାଥ ପ୍ରେମୀ ବା ଶ୍ରଦ୍ଧାଳୁ ଦାନ କରୁଛନ୍ତି। ମନ୍ଦିର ନିର୍ମାଣ ପାଇଁ ଯେଉଁ ସବୁ ଅର୍ଥ ବିନିଯୋଗ ହେଉଛି ସହର ତଥା ଜିଲ୍ଲା ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶର ଭକ୍ତ ସାମର୍ଥ୍ୟ ଅନୁଯାଇ ସ୍ୱଇଚ୍ଛାରେ ଦାନ କରୁଛନ୍ତି। ମନ୍ଦିରର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ଦାନ ବି ସେତିକି ମାତ୍ରାରେ ବଢି ଚାଲିଛି। ପାରଳାଖେମୁଣ୍ଡିର ଜଣେ ମହିଳା ନିଜ ବାସଭବନକୁ ଜଗନ୍ନାଥ ମନ୍ଦିରକୁ ଦାନ କରିଛନ୍ତି। ସୁନାରି ସାହିର କନକପ୍ରଭା ପାତ୍ର ନାମ୍ନୀ ମହିଳା ଜଣକ ସ୍ୱଅର୍ଜିତ ବାସଗୃହକୁ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣରେ ସହାୟତା ପାଇଁ ଦାନ



କରିଛନ୍ତି। ମହିଳାଙ୍କ ସ୍ୱାମୀ ସତ୍ୟନାରାୟଣ ପାତ୍ର ଜଗନ୍ନାଥ ପ୍ରେମୀ। ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ସକାଶେ ଗଠନ ହୋଇଥିବା ୧୪ ଜଣିଆ ଜଗନ୍ନାଥ ସେବା ଦଳର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ହେଲେ ୨୦୨୪ ମସିହାରେ ତାଙ୍କର ପରଲୋକ ହୋଇଥିଲା। ଦମ୍ପତି ନିସନ୍ତାନ ହୋଇଥିବାରୁ କନକ ପ୍ରଭା ଏକୁଟିଆ ହୋଇଯାଇଥିଲେ। ଶେଷରେ ନିଜ ସ୍ୱାମୀଙ୍କ ଜଗନ୍ନାଥ ପ୍ରେମ ଓ ଭକ୍ତି ଏବଂ ନିସନ୍ତାନ ହୋଇଥିବା ଯୋଗୁଁ ଶେଷରେ ପ୍ରଭୁ ଜଗନ୍ନାଥଙ୍କୁ ନିଜର ପୁଅ ଭାବି ବାସଗୃହକୁ ଦାନ କରିଥିବା ଜଗନ୍ନାଥ ସେବା ଦଳର ଦୁର୍ଗାମାଧବ ପାଣିଗ୍ରାହୀ ଜଣାଇଛନ୍ତି। ମହିଳାଙ୍କ ଏପରି ଦାନକୁ ନେଇ ଜଗନ୍ନାଥ ସେବାଦଳ ପକ୍ଷରୁ କନକପ୍ରଭାଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରାଯାଇଛି।

## ମୋହନା ପ୍ରେସ୍ କ୍ଲବ୍ କୋଠା ପାଇଁ ବିଧାୟକଙ୍କ ଭୂମିପୂଜନ

ମୋହନା,୨୩।୨(ସମିସ): ମୋହନା ପ୍ରେସ କ୍ଲବ କାର୍ଯ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ ପାଇଁ ରବିବାର ଭୂମି ପୂଜନ ମୋହନା ବିଧାୟକ ଦାଶରଥି ଗମାଙ୍ଗ କରିଛନ୍ତି। ଭୂମି ପୂଜନ ସହ ଶିଳାନ୍ୟାସ କରାଯାଇଛି। କୋଠା ନିର୍ମାଣ ପାଇଁ ଯାହା ଆର୍ଥିକ ଅନୁଦାନ ଆବଶ୍ୟକ ତାହା ପ୍ରଦାନ କରିବେ ବୋଲି ବିଧାୟକ କହିଛନ୍ତି। ଭୂମି ପୂଜନ କାର୍ଯ୍ୟକ୍ରମରେ ପ୍ରେସ କ୍ଲବ ସଭାପତି ସୁମନ ପଟ୍ଟନାୟକ, ଉପସଭାପତି ଅଂଶୁମାନ ପଣ୍ଡା, ସମ୍ପାଦକ ବାବୁଲା ସେଠୀ, ବରିଷ୍ଠ ଉପଦେଷ୍ଟା ଲକ୍ଷ୍ମଣ ଚୌଧୁରୀ, ପଞ୍ଚାନନ ଦାସ ଓ ବାଦଲ ବେହେରା ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ପ୍ରେସ କ୍ଲବ କାର୍ଯ୍ୟାଳୟ ଏକ ଭଡା ଘରେ ଚାଲିଥିବା ବେଳେ ସ୍ଥାୟୀ କୋଠା ନିର୍ମାଣ ପାଇଁ ଜମି ଚିହ୍ନଟ ସହ ଅନୁଦାନ ପ୍ରଦାନ ପାଇଁ ଉପଜିଲ୍ଲାପାଳ, ତହସିଲଦାର ଓ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା।

## ଫ୍ୟୁଜନ୍ ଫାଇନାନ୍ସ ଶାଖା ପରିଚାଳକଙ୍କ ଦବଙ୍ଗଗିରି | କିସ୍ତି ଟଙ୍କା ନଦେବାରୁ ମରଣାନ୍ତକ ଆକ୍ରମଣ

ବାଲିଗୁଡ଼ା,୨୩।୨(ସମିସ): ବାଲିଗୁଡ଼ା ଫ୍ୟୁଜନ ଫାଇନାନ୍ସର ଶାଖା ପରିଚାଳକ (ବିଏମ)ଙ୍କ ଦବଙ୍ଗଗିରି। ଗ୍ରୁପ ଲୋନର କିସ୍ତି ଟଙ୍କା ଜଣେ ମହିଳା ଦେଇ ନ ପାରିବା ରୁ ତାଙ୍କ ସ୍ୱାମୀଙ୍କୁ ମରଣାତ୍ମକ ଭାବେ କାଠ ଫାଳିଆରେ ପିଟି ମୁଣ୍ଡକୁ ଆକ୍ରମଣ ଫାଇନାନ୍ସ ସଂସ୍ଥାର ଶାଖା ପରିଚାଳକ ବେବାନ ପ୍ରଧାନ କରିଛନ୍ତି। ଗ୍ରାମବାସୀ ଦବଙ୍ଗ ଶାଖା ପରିଚାଳକଙ୍କୁ ଅଟକାଇବା ସହ ଆହତ ହୋଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କୁ ଉଦ୍ଧାର କରିଥିଲେ। ବାଲିଗୁଡା ଥାନା ବୁଡୁରୁକିଆ ପଞ୍ଚାୟତର ମାଦିନାଟ ଗାଁରେ ଏପରି ଅଭାବନୀୟ ଘଟଣା ଘଟିଛି। କାଠ ଫାଳିଆରେ ପିଟି ରକ୍ତାକ୍ତ କରିଥିବା ଶାଖା ପରିଚାଳକ ବାଲିଗୁଡା ନୁଆସାହି ସ୍ଥିତ ଫ୍ୟୁଜନ ଫାଇନାନ୍ସର ବେବାନ ପ୍ରଧାନ ବୋଲି ପୁଲିସ ସ୍ପଷ୍ଟ କରିଛି। ସୂଚନା ଅନୁଯାୟୀ ମାଦିନାଟ ଗାଁର ନରୋଜିନୀ ମଳିକ ଫ୍ୟୁଜନ ଫାଇନାନ୍ସରୁ ଗ୍ରୁପ ଲୋନ ନେଇଥିଲେ। ସେ କେବଳ ଗୋଟିଏ ମାସର କିସ୍ତି ଟଙ୍କା ଦେଇ ନଥିବା ବେଳେ ଶାଖା ପରିଚାଳକ ତାଙ୍କ ଗାଁକୁ ଯାଇ ବଳପୂର୍ବକ ଟଙ୍କା ଦେବାକୁ ବାଧ୍ୟ କରିଥିଲେ। ଆର୍ଥିକ ସମସ୍ୟା ଯୋଗୁଁ ପରେ କିସ୍ତି ଟଙ୍କା ଦେବାକୁ ତାଙ୍କ ସ୍ୱାମୀ ପଶିରା ମଳିକ କହିଥିଲେ। ଏତିକିରେ ଉତକ୍ଷିପ୍ତ ହୋଇ ଘର ଆଗରେ ପଡ଼ିଥିବା କାଠ ଫାଳିଆରେ ଶାଖା ପରିଚାଳକ ପଶିରା ମଳିକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଶିରାଙ୍କୁ ବାଲିଗୁଡା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହୋଇଥିବାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବାଲିଗୁଡ଼ା ଅଞ୍ଚଳରେ ଏଭଳି ଘଟଣା ନୂଆ ନୁହଁ। କିଛି ଦିନ ପୂର୍ବରୁ ଅନ୍ନପୂର୍ଣ୍ଣା ଫାଇନାନ୍ସର କର୍ମଚାରୀ କିସ୍ତି ଟଙ୍କା ନଦେବାରୁ ଜଣେ ମହିଳାଙ୍କ ମୋବାଇଲ ବଳପୂର୍ବକ ଛଡାଇ ଆଣିଥିବା ଥାନାରେ ଏତଲା ହୋଇଥିଲା। ଏହିଭଳି ବହୁ ଫାଇନାନ୍ସ କର୍ମଚାରୀ ଆଇନର ସହାୟତା ନନେଇ ବଳ ପୂର୍ବକ କିସ୍ତି ଟଙ୍କା ଆଦାୟ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବାଲିଗୁଡା ପୁଲିସ ଦବଙ୍ଗ ଶାଖା ପରିଚାଳକଙ୍କୁ ପଚରା ଉଚରା କରି ତଦନ୍ତ ଆରମ୍ଭ କରିଥିଲା। ଏସମ୍ପର୍କରେ ଏକ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିବା ବାଲିଗୁଡ଼ା ଥାନା ଅଧିକାରୀ ଶିବରଞ୍ଜନ ସିଙ୍ଗା କହିଛନ୍ତି।

● ବାରମ୍ବାର ଅଭିଯୋଗ ପରେ ହେଉନି ରାସ୍ତା ନିର୍ମାଣ

## ଧାରଣାରେ ବସିଲେ ମଲ୍ଲିକପଡ଼ି ଜନପ୍ରତିନିଧି, ଗ୍ରାମବାସୀ



ଜି.ଉଦୟଗିରି,୨୩।୨(ସମିସ): ବାଡେନାଜୁ ଛକରୁ ରାଇପଦା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି।ବାରମ୍ବାର ଅଭିଯୋଗ ପରେ ବି ହେଉନି ରାସ୍ତା ନିର୍ମାଣ ହେଉନାହିଁ। ଏଥିଯୋଗୁଁ ଲୋକେ ନାହିଁ ନଥିବା ହଇରାଣ ହେଉଥିବା ବେଳେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଗ୍ରାମବାସୀ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ବହୁଥର ଅଭିଯୋଗ କରିଥିଲେ ମଧ୍ୟ କିଛି ଲାଭ ହୋଇନି। ଯାହାକୁ ନେଇ ଗ୍ରାମବାସୀ ମଧ୍ୟ ରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଥିବା ବେଳେ ଆଜି ମାଲିକାପଡ଼ି ସରପଞ୍ଚ ଝରଣା ପ୍ରଧାନଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ଯମେସ ପ୍ରଧାନ, ଜହଲାଲ ପ୍ରଧାନ, ଟାର୍ଜନ ସାହୁ ସମେତ ଗ୍ରାମବାସୀ ଗଣଧାରଣାରେ ବସିଥିଲେ। ଶୀଘ୍ର ନିର୍ମାଣ ସମସ୍ତଙ୍କ ଏକ ମାତ୍ର ଦାବି ଥିବାବେଳେ ଜିଲ୍ଲାପାଳ ବେଦ ଭୂଷଣ ଉକ୍ତ ରାସ୍ତା ପରିଦର୍ଶନ କରିବା ସହିତ ମାର୍ଚ୍ଚ ମାସ ସୁଦ୍ଧା କାମ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ହଠାତ ଖସିଲା ବିରାଟକାୟ ଆମ୍ବ ଡାଳ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ଜି.ଉଦୟଗିରି,୨୩।୨(ସମିସ): ଜି.ଉଦୟଗିରି-କଳିଙ୍ଗା ରାସ୍ତାର ପଦାସାହି ସ୍କୁଲ ନିକଟରେ ରାସ୍ତା ଉପରେ ଏକ ବିରାଟକାୟ ଆମ୍ବଗଛ ଡାଳ ପଡିବା ଫଳରେ କିଛି ସମୟ ପାଇଁ ଯାତାୟାତ ବନ୍ଦ ରହିଥିଲା। ସୌଭାଗ୍ୟବଶତଃ ସେ ସମୟରେ କୌଣସି ଯାତ୍ରୀ ଉପରେ ପଡି ନଥିବାରୁ ଯୋଗୁଁ ଏକ ବଡ଼ ବିପଦ ଟଳି ଯାଇଛି। କୌଣସି ମେଘ ପବନ ନ ଥାଇ ହଠାତ ଏମିତି ଏତେ ବଡ଼ ଡାଳ ଭାଙ୍ଗି ପଡ଼ିବାକୁ କେହି ବିଶ୍ୱାସ କରିପାରୁନ ଥିବା ବେଳେ ରାସ୍ତାରେ ଏମିତି ଅନେକ ଦୁର୍ବଳ ଗଛ ସଫା କରିବାକୁ ଦାବି କରିଛନ୍ତି ଲୋକେ। ପ୍ରଥମେ ପଦାସାହି ବାସିନ୍ଦା ଡାଳକୁ ସ୍ଥାନାନ୍ତର କରି ଗାଡି ମୋଟର ଯାତାୟାତ ସ୍ୱାଭାବିକ କରିବା ପରେ ଅଗ୍ନି ସେବାଶମ ବିଭାଗ ପହଞ୍ଚି ଗଛ ଡାଳ କାଟି ସଫା କରିଥିଲା।

## ରା.ଉଦୟଗିରି ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ

ନୂଆଗଡ଼,୨୩।୨(ସମିସ): ରା.ଉଦୟଗିରି ଥାନାରେ ନୂତନ ଥାନା ଅଧିକାରୀ ଭାବେ ପ୍ରମୋଦ କୁମାର ଖାଣ୍ଡୁଆଳ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ସେରଙ୍ଗ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଏଠାକାର ଆଇଆଇସି ଅଶ୍ୱିନ କୁମାର ଭିତିରିଆଙ୍କୁ ରାୟଗଡ଼ ଥାନାକୁ ବଦଳି ହୋଇଛି। ରା.ଉଦୟଗିରି ଥାନା ଅଧୀନରେ ଥିବା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା, ଲୋକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସହ ସମସ୍ତ ପ୍ରକାର ଅସାମାଜିକ କାର୍ଯ୍ୟ କଳାପ ଦମନ କରିବାକୁ ପ୍ରାଥମିକତା ଦିଆଯିବ ବୋଲି ନୂତନ ଥାନା ଅଧିକାରୀ ଖାଣ୍ଡୁଆଳ କହିଛନ୍ତି।

## ରାଜ୍ୟସ୍ତରୀୟ ୱିଣ୍ଟର୍ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଫିରିଙ୍ଗିଆ,୨୩।(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁରେ ଥିବା ଜୟ ବାବା ବିରୁପାକ୍ଷ ଆଥଲେଟିକ କ୍ଲବ



ଆନୁକୂଲ୍ୟରେ ୱିଣ୍ଟରକପ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣମେଣ୍ଟ ଆୟୋଜିତ ହୋଇଛି। କ୍ଲବ ସଭାପତି ତଥା ସାମ୍ବାଦିକ ବିମଳ କୁମାର ଦିଗାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଉଦଘାଟନ ଉତ୍ସବରେ ଜିଲ୍ଲା କଂଗ୍ରେସ ର ପୂର୍ବତନ ସଭାପତି ଅନାମ ନାୟକ ଯୋଗଦେଇ ଉଦଘାଟନ କରିଥିଲେ। ବରିଷ୍ଠ ବିଜେଡି ନେତା ଜିଲ୍ଲା ବିଜେଡିର ଉପ ସଭାପତି ଟୁନା ଦାସ ମୁଖ୍ୟଅତିଥି ଭାବରେ ଯୋଗ ଦେଇ କ୍ଲବର ସଦସ୍ୟ ଓ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଟୁନା ଦାସଙ୍କୁ କ୍ଲବର ସଦସ୍ୟ ଓ ଡିଣ୍ଡିରାଗାଁ ସ୍ୱାଗତ କରାଯାଇଥିଲା। ଡ଼ିମିରିଗୁଡା ସରପଞ୍ଚ ତଥା କ୍ରୀଡା ସଂଗଠକ ମନୋଜ କହଁରଙ୍କ ସହ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଆଗାମୀ ୨୭ ତାରିଖ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାକୁ ଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୬ ଟିମ ଭାଗ ନେଇଥିବା ଆୟୋଜକ କମିଟି ତରଫରୁ ସୂଚନା ଦିଆଯାଇଛି। ଜଣାଶୁଣା ଅମ୍ପାୟର ପ୍ରତାପ କୁମାର ଜୁଣ୍ଡି ଓ ତାଙ୍କ ସହଯୋଗୀ ପରିଚାଳନା କରୁଥିବା ବେଳେ କ୍ଲବ ସଭାପତିଙ୍କ ସହ ସମ୍ପାଦକ ଶ୍ରୀକାନ୍ତ ଦିଗାଲ ମୁନା ଦିଗାଲ ସୌମ୍ୟରଞ୍ଜନ ଦିଗାଲ , ହିକି ଦିଗାଲ, ଟିକିଡି ଦିଗାଲ ଓ ଅନ୍ୟ ସଦସ୍ୟ ସହଯୋଗ କରୁଛନ୍ତି।

### ସୁଭଦ୍ରା ଶକ୍ତି ମେଳାରେ ଜଗନ୍ନାଥ ଜଣାଣରେ ଫ୍ୟାଶନ ଶୋ’

# ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲା ବିଶ୍ୱହିନ୍ଦୁ ପରିଷଦ

ପାରଳାଖେମୁଣ୍ଡି,୨୩।୨(ସମିସ)

ପାରଳାଖେମୁଣ୍ଡିରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ସନ୍ଧ୍ୟାରେ ଧାର୍ମିକ ଭାବନାକୁ ଆଘାତ ଦେବା ସମ୍ପର୍କରେ ଅଭିଯୋଗ କରିବା ସହ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛି। ଏନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କୁ ପ୍ରଦାନ କରାଯାଇଛି। ସୁଭଦ୍ରା ଶକ୍ତି ମେଳା କାର୍ଯ୍ୟକ୍ରମରେ ପ୍ରଭୁ ଜଗନ୍ନାଥଙ୍କ ଏକ ଭକ୍ତିପୂର୍ଣ୍ଣ ଗୀତ ବଜାଇ ରାମ୍ପରେ ଫ୍ୟାଶନ୍ ଶୋ ପ୍ରଦର୍ଶନ କରାଯାଇଥିଲା। ଏହି ଉପସ୍ଥାପନା ହିନ୍ଦୁ ସମ୍ପ୍ରଦାୟର ଧାର୍ମିକ ଭାବନାକୁ ଗଭୀର ଭାବରେ ଆଘାତ ଦେଇଛି ଏବଂ ସମାଜକୁ ଏକ ଅନୁପଯୁକ୍ତ ବାର୍ତ୍ତା ଦେଇଛି। ଏହି ପରିପ୍ରେକ୍ଷୀରେ, ବିଭିନ୍ନ ହିନ୍ଦୁ ସଂଗଠନର ପ୍ରତିନିଧି ଏଡିଏମ ଏବଂ କାର୍ଯ୍ୟକ୍ରମରେ



ଉପସ୍ଥିତଥିବା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ ସମ୍ପୃକ୍ତ ପ୍ରଶାସନିକ କର୍ତ୍ତୃପକ୍ଷଙ୍କୁ ଭେଟି ଆପତ୍ତି ଉଠାଇଥିଲେ ଏବଂ ଏପରି ପ୍ରଦର୍ଶନ ତୁରନ୍ତ ବନ୍ଦ ଏବଂ ଭବିଷ୍ୟତରେ ଏପରି ଭୁଲର ପୁନରାବୃତ୍ତି ନହେବା ପାଇଁ ସାର୍ବଜନୀନ ଭାବରେ ପ୍ରତିଶ୍ରୁତି ଦେବାକୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମ ସମାପ୍ତ ହେବା ପରେ ହିଁ ଘୋଷଣା କରାଯିବ ବୋଲି କୁହାଯାଇଥିଲା। ହେଲେ ଶେଷରେ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରଯାଇଛି। ପରିଷଦ ପକ୍ଷରୁ କୁହାଯାଇଛି ଉଦ୍ଦେଶ୍ୟ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିରୋଧ କରିବା ନୁହେଁ ବରଂ ଧାର୍ମିକ ବିଶ୍ୱାସ ଏବଂ ପରମ୍ପରାକୁ ସବୁବେଳେ ସମ୍ମାନ କରାଯିବାକୁ ଦାବି କରାଯାଇଛି। ଏଭଳି ଏକ ସମ୍ବେଦନଶୀଳ ବିଷୟରେ ଅନୁଧ୍ୟାନ ତଥା ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି। ଏସମ୍ପର୍କରେ ସ୍ମାରକ ପତ୍ର ପ୍ରଦାନ ବେଳେ ବିଶ୍ୱ ହିନ୍ଦୁ ପରିଷଦ ପାରଳାଖେମୁଣ୍ଡିର ଲୋକନାଥ ମିଶ୍ର, କୈଳାସ ଚନ୍ଦ୍ର ପଟ୍ଟନାୟକ, ନୃସିଂହ ଚରଣ ଦାସ, ସତ୍ୟନାରାୟଣ ସାହୁ, କୈଳାସ ଚନ୍ଦ୍ର ବିଶ୍ୱାଳ ଓ କୁର୍ମା ରେଡ୍ଡି ପ୍ରମୁଖଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ ଗତକାଲି ସୁଭଦ୍ରା ଶକ୍ତି ମେଳାର ପଞ୍ଚମ ସନ୍ଧ୍ୟାରେ ସାଂସ୍କୃତିକ ସନ୍ଧ୍ୟାରେ ଆହେ ନୀଳ ଶଇଳ ଜଗନ୍ନାଥ ଜଣାଣ ଭକ୍ତିପୂର୍ଣ୍ଣ ଗୀତ ବଜାଯାଇ ଫ୍ୟାସନ୍ ଶୋ ହୋଇଥିଲା। ଏହାକୁ ବିଭିନ୍ନ ମହଲରେ ଦୃଢ ନିନ୍ଦା କରାଯାଇଥିଲା।

## ମାଓ ସ୍ମାରକୀକୁ ଧ୍ୱଂସ କଲେ ଯବାନ

ମାଲକାନଗିରି, ୨୩।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର କୋଣ୍ଟା ସ୍ଥିତ ଡୋକାଡ ଅଞ୍ଚଳରେ ମାଓ ଦମନ ସମୟରେ ୩ଟି ମାଓ ସ୍ମାରକୀ ତଥା ସ୍ତୂପକୁ ଧ୍ୱଂସ କଲେ ଯବାନ। ସୂଚନା ଅନୁଯାୟୀ ମାଓ ଦମନ ପାଇଁ ସିଆରପିଏଫର ଯବାନ ମାନେ ଦୁର୍ଗମ ଡୋକାଡ ଅଞ୍ଚଳରେ ତଲାସି ଅଭିଯାନ କରୁଥିଲେ। ଏହା ମାଓ ଉପଦ୍ରବ ଅଞ୍ଚଳ ଭାବେ ପରଚିତ ଥିବା ବେଳେ ଏଠାରେ ଯବାନ ମାନେ ତଲାସି ସମୟରେ ୩ଟି ମାଓ ସ୍ତୂପକୁ ଠାବ କରିଥିଲେ। ଏହି ମାଓ ସ୍ତୂପ ଗୁଡିକ୨୦୦୭, ୨୦୧୬ ଏବଂ ୨୦୨୧ ମସିହାରେ ମାଓବାଦୀଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଏହି ସ୍ମାରକୀଗୁଡ଼ିକୁ ସାନ୍ନା, ଗଙ୍ଗା, ନାଗେଶ, ଜୋଗା, ବୁକ୍ରା ଏବଂ ମାଙ୍ଗଡୁ ଭଳି ବରିଷ୍ଠ ମାଓବାଦୀ କ୍ୟାଡରଙ୍କ ନାମରେ ନାମିତ କରାଯାଇଥିଲା। ଯାହାକି ମାଓବାଦୀଙ୍କ ସ୍ଥିତିକୁ ଜାହିର କରୁଥିବା ବେଳେ ଏହାକୁ ଯବାନ ମାନେ ଭାଙ୍ଗି ଧ୍ୱଂସ କରିଥିଲେ। ଏହି ସ୍ତୂପକୁ ଭାଙ୍ଗି ଅଞ୍ଚଳରେ ଲୋକଙ୍କ ମଧ୍ୟରୁ ମାଓ ଭୟକୁ ଦୂର କରିବା ସହ ଯବାନ ମାନେ ତଲାସି ଅଭିଯାନକୁ ଆହୁରି ବଢାଇ ଦେଇଥିବା ଜଣାପଡିଛି।



### ମୌଳିକ ସୁବିଧାରୁ ବଞ୍ଚିତ ଲବଙ୍ଗି ଗ୍ରାମବାସୀ

## ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପିଇବା ପାଣି ସାଜିଛି ସ୍ୱପ୍ନ

ଫିରିଙ୍ଗିଆ,୨୩।୨(ସମିସ): ଗ୍ରୀଷ୍ମ ପ୍ରବାହ ଆରମ୍ଭ ନ ହେଉଣୁ ଦେଖାଦେଲାଣି ଜଳ ସଙ୍କଟ। ପାଣି ଟୋପାଏ ପାଇଁ ଡହଳବିକଳ ହେଉଛନ୍ତି ଉପାନ୍ତ ଅଞ୍ଚଳରେ ବସବାସ କରିଆସୁଥିବା ଗ୍ରାମବାସୀ। ଏଭଳି ଏକ ଜଳସଙ୍କଟର ଦୃଶ୍ୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତ ଲବଙ୍ଗି ଗାଁରେ। ବଣପାହାଡ଼ ଘେରା ଲବଙ୍ଗିଗାଁ ଗ୍ରାମବାସୀ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିଆସୁଥିବା ବେଳେ ସରକାର ଏହି ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇ ଦେବାରେ ବିଫଳ ହୋଇଛନ୍ତି । ଗାଁରେ ସମୁଦାୟ ୨୦ ଆଦିବାସୀ ପରିବାର ବସବାସ କରିଆସୁଥିବା ବେଳେ ଗାଁକୁ ଆଜିପର୍ଯ୍ୟନ୍ତ ରାସ୍ତା ନାହିଁ । ଗାଁକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ମଧ୍ୟ ହୋଇପାରିନାହିଁ । ପାନୀୟ ଜଳର କୌଣସି ବ୍ୟବସ୍ଥା ନଥିବାରୁ ବର୍ଷ ତମାମ ଗାଁ ପାଖରେ ଥିବା ଏକ



କୁଅଁର ପାଣିକୁ ବ୍ୟବହାର କରୁଛନ୍ତି ଗ୍ରାମବାସୀ। ଗାଁରେ ସ୍କୁଲ କିମ୍ବା ଅଙ୍ଗନବାଡି କେନ୍ଦ୍ର ନାହିଁ। ବିଦ୍ୟାଳୟ କିମ୍ବା ଅଙ୍ଗନବାଡି ଯିବାକୁ ହେଲେ ଛାତ୍ରଛାତ୍ରୀଙ୍କୁ ଗାଁ ଠାରୁ ଦୁଇ କିଲୋମିଟର ଦୂରରେ ଥିବା ମୁର୍ଜାଗାଁକୁ ଯିବାକୁ ପଡେ।

### କୂଅ ପାଣିରେ ମେଣ୍ଟୁଛି ଗ୍ରାମବାସୀଙ୍କ ଶୋଷ

ମୁର୍ଜା ଗାଁ କୁ ଯିବାକୁ ହେଲେ ବାଘ ନଦୀ ସାଜିଛି ବାଧକ। ଏଥିଯୋଗୁଁ ଗାଁ ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ମଧ ଡୋରି ଲାଗୁଛି।

ସରପଞ୍ଚ ରୋହିତ କହଁରଙ୍କ ଉଦ୍ୟମ ଯୋଗୁଁ ମାସକ ପୂର୍ବେ ଗାଁରେ ଏକ ସୋଲାର ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଥିଲା ଓ କିନ୍ତୁ ତାହା ବିଭାଗୀୟ ଅବହେଳା ପାଇଁ ବନ୍ଦ ହୋଇ ପଡ଼ିରହିଛି । ଗାଁକୁ ବିଦ୍ୟୁତ ସଂଯୋଗ, ରାସ୍ତା ନିର୍ମାଣ ଓ ପାନୀୟ ଜଳ ଯୋଗାଇଦେବା ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ କୌଣସି ସୁଫଳ ମିଳିନଥିବା କହିଛନ୍ତି ଗାଁର କାଳିରାମ କହଁର, ସୁଲୋଚନା କହଁର, ଶବରୀ କହଁର, ଅବନ୍ତୀ କହଁର, ଲମ୍ବାରି ଖହଁରଙ୍କ ସହ ଅନନ୍ୟ ଗ୍ରାମବାସୀ। ତିନିବର୍ଷ ରୁ ଅଧିକ ସମୟ ହେବ ବାଘ ନଦୀ ଉପରେ ପୋଲ ନିର୍ମାଣ କାର୍ଯ୍ୟ ଚାଲୁରହିଥିଲେ ମଧ ଶେଷ ହେଉ ନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଦିନରେ ଗାଁର ସମସ୍ୟା ବିଷୟରେ ପ୍ରଶାସନ ଦୃଷ୍ଟି ନଦେଲେ ବାଧ ହୋଇ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଆଞ୍ଚଳିକ ସାଧନକର୍ମୀଙ୍କ ବିରୋଧରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭିଯୋଗ

ମାଥିଲି, ୨୩।୨(ସମିସ): ଆଞ୍ଚଳିକ ସାଧନ କର୍ମୀଙ୍କର ବ୍ୟବହାର, ଆଚରଣରେ ଓ ଉଚ୍ଚାରଣରେ ଅତିଷ୍ଠ ହୋଇ ପଞ୍ଚାୟତର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କିଆଙ୍ଗ ପଞ୍ଚାୟତ ଅନ୍ତର୍ଗତ କସିଗୁଡା କ୍ଲଷ୍ଟରର ଆଞ୍ଚଳିକ ସାଧନ କର୍ମୀ ନିହାର ରଞ୍ଜନ ଦାସଙ୍କ ନାମରେ ଶିକ୍ଷକ ଶିକ୍ଷୟିତ୍ରୀ ଗୁରୁତର ଅଭିଯୋଗ କରି ଆସୁଛନ୍ତି। ବିଦ୍ୟାଳୟ ଗୁଡ଼ିକରେ ଶୈକ୍ଷିକ ସହଯୋଗ ପାଇଁ କୌଣସି ପରାମର୍ଶ ଶିକ୍ଷକ ଶିକ୍ଷୟିତ୍ରୀ ମାଗିଲେ ଶ୍ରୀ ଦାସ କୌଣସି ସହଯୋଗ କରନ୍ତି ନାହିଁ। କୌଣସି ସରକାରୀ ଚିଠି ତଥା ନିର୍ଦ୍ଦେଶନାମା ବିଷୟରେ ସହାୟତା କିମ୍ବା ପରାମର୍ଶ ନ ଦେଇ ଗାଳି କରନ୍ତି। ଏଭଳି ତାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଶିକ୍ଷା ଅଧିକାରୀଙ୍କୁ ଦେବା ପରେ ଅଭିଯୋଗର ସତ୍ୟାସତ୍ୟ ପାଇଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଦନ୍ତ କରିଥିଲେ ହେଁ, କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବା ପରିତାପର ବିଷୟ ବୋଲି ଶିକ୍ଷକ ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି। ଇତି ମଧ୍ୟରେ ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ଏବଂ ମାଲକାନଗିରି ଜିଲ୍ଲାପାଳଙ୍କୁ କିଆଙ୍ଗ ପଞ୍ଚାୟତର ଶିକ୍ଷକ ଶିକ୍ଷୟିତ୍ରୀ ଦୁଇ ଥର ଲିଖିତ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଶ୍ରୀ ଦାସଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମହଲରେ ଅସନ୍ତୋଷ ଦେଖାଯାଇଛି। ମିଳିଥିବା ଖବର ଅନୁସାରେ ସିଆରସିସି ପାଇଁ କୁଆଡେ କେହି ଶିକ୍ଷକ ଶିକ୍ଷୟିତ୍ରୀ ଅନିଚ୍ଛୁକ ଥିବାରୁ ଏହାର ଫାଇଦା ଶ୍ରୀ ଦାସ ଉଠାଉଛନ୍ତି। ତଥ୍ୟ ମୁତାବକ କୌଣସି ମାମଲା ବିଚାରଧୀନ ଥିଲେ ସେ ସିଆରସିସି ପଦବୀରେ ଅବସ୍ଥାପିତ ହେବା କଥା ନୁହେଁ। ଶିକ୍ଷକତା ସମୟରେ ଶ୍ରୀ ଦାସ କର୍ତ୍ତବ୍ୟରେ ଅବହେଳା ପାଇଁ ଦରମା ବନ୍ଦ ରହିବା ପରେ ତାହା ମିଳିବା ଓ ନିୟମିତ ସମୟରେ କିଛି ଦିନ ବାଦ୍ ପଡିବା ପ୍ରସଙ୍ଗ ଉଚ୍ଚ ନ୍ୟାୟାଳୟରେ ମାମଲା ରହିଥିଲେ ହେଁ କିପରି ସିଆରସିସିରେ ରହିଲେ ତାହା ତଦନ୍ତ ସାପେକ୍ଷ। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କୁ ଯୋଗାଯୋଗ କରିବାରୁ ସେ ଅଭିଯୋଗ ପାଇବା ପରେ ପ୍ରାଥମିକ ତଦନ୍ତ କରାଯାଇଥିବା ବେଳେ ଆଗକୁ ତଥ୍ୟ ପ୍ରମାଣକୁ ଆଧାର କରି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

### ଖଣ୍ଡନ କଲେ ସାଧନ କର୍ମୀ

ଶ୍ରୀ ଦାସଙ୍କୁ ଏନେଇ ପଚାରିବାରୁ ସେ ଘଟଣାକୁ ଖଣ୍ଡନ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି।

## କୁଇ ଭାଷାରେ ଅଙ୍ଗନବାଡ଼ି ଶିଶୁଙ୍କୁ ଶିକ୍ଷା ପ୍ରଦାନ ପାଇଁ ଜିଲ୍ଲାସ୍ତରୀୟ ତାଲିମ

ଫୁଲବାଣୀ,୨୩।୨(ସମିସ): ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଆମେ ପଢ଼ିବା ଆମ ଭାଷାରେ କାର୍ଯ୍ୟକ୍ରମ ମାଧ୍ୟମରେ କୁଇ ଭାଷାରେ ଅଙ୍ଗନବାଡ଼ି ଶିଶୁଙ୍କୁ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ ଜିଲ୍ଲାସ୍ତରୀୟ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ଫୁଲବାଣୀ ବ୍ଲକ ସଭାଗୃହରେ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଜିଲ୍ଲାସ୍ତରୀୟ ତାଲିମରେ ଜିଲ୍ଲା ମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ନେହଲତା ସାହୁ, ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପାତ୍ର, ଅଙ୍ଗନବାଡ଼ି କର୍ମୀ, ଜନପ୍ରତିନିଧି , ଶିକ୍ଷକ/ଶିକ୍ଷୟିତ୍ରୀ, ଭାଷା ବିଶେଷଜ୍ଞ ଓ ସମ୍ପୃକ୍ତ ଅଧିକାରୀ ଯୋଗ ଦେଇଥିଲେ । ତାଲିମରେ ଭାଷା ନିର୍ଦ୍ଦିଷ୍ଟ ଶିକ୍ଷଣ ପଦ୍ଧତି, ଶିକ୍ଷଣ ସାମଗ୍ରୀ ବ୍ୟବହାର, ଅଡ଼ିଓ-ଭିଜୁଆଲ୍ ଉପକରଣ ଓ ପିଲାମାନଙ୍କର ଶିକ୍ଷଣ ଫଳାଫଳ ଉନ୍ନତି ପାଇଁ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଆମେ ପଢ଼ିବା ଆମ ଭାଷାରେ ଯୋଜନା ଆଦିବାସୀ ଅଞ୍ଚଳର ପିଲାମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ। ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଦ୍ୱାରା ପିଲାମାନଙ୍କର ବୁଦ୍ଧି ବିକାଶ ଓ ଶିକ୍ଷଣ ପ୍ରତି ଆଗ୍ରହ ବୃଦ୍ଧି ପାଇବ। କନ୍ଧମାଳ ଜିଲ୍ଲାରେ ଏହି ଯୋଜନାକୁ ସଫଳ କରିବା ପାଇଁ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଜଣାଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ବିଭାଗ, କନ୍ଧମାଳ ଜିଲ୍ଲା ପ୍ରଶାସନ ଓ ଆଇସିଡିଏସ୍‌ର ସହଯୋଗରେ ଆୟୋଜିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବାଳିଗୁଡା ଉପଜିଲ୍ଲାପାଳ ପ୍ରଣିତା ଦାଶ, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ବାଳିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ଯୋଗଦେଇ ଏହି ଯୋଜନା କନ୍ଧମାଳର ଆଦିବାସୀ ସମ୍ପ୍ରଦାୟର ଶିଶୁମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ କରିଥିଲେ।



### ଜଙ୍ଗଲ ନିଆଁ ନିବାରଣ ପାଇଁ ସଚେତନତା

## ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ୍ ପ୍ରତିଯୋଗିତା

ଚନ୍ଦ୍ରପୁର,୨୩।୨(ସମିସ) ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ସେକ୍ସନର ମୁନିଗୁଡା ବନାଞ୍ଚଳ ଅଧିକାରୀପ୍ରବୀଣ କୁମାର ଦାସଙ୍କ ନିର୍ଦ୍ଦେଶରେ ଗୁଞ୍ଜମେରା ଗ୍ରାମ ଠାରେ ଚନ୍ଦ୍ରପୁର ବନପାଳ ଅଶ୍ୱିନି କରକରୀୟାଙ୍କ ସଂଯୋନରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବନଖଣ୍ଡିୟ ଅଧିକାରୀ ସଚିନ୍ ଆନା ସାହେବ୍ ଅହୋଲେ, ଆରକ୍ଷୀ ଅଧିକ୍ଷକ ଏସ ସ୍ୱତୀ କୁମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଅଭିଷେକ ଦିଲ୍ଲୀପ ଦୁଧାଲ ଉପସ୍ଥିତ ରହି ଜଙ୍ଗଲ ନିଆ ନିବାରଣ ସଚେତନା ସୃଷ୍ଟି ନିମନ୍ତେ ବ୍ଲକର ଆଠଟି ପଞ୍ଚାୟତରୁ ଭାଗ ନେବା ପାଇଁ ଆସିଥିବା, ବନ୍ଧୁତାପୂର୍ଣ୍ଣ ଭଲିବଲ ପ୍ରତିଯୋଗିତାକୁ ପ୍ରଦୀପ ପ୍ରଜ୍ୱଳନ କରି, ନଡ଼ିଆ ଭାଙ୍ଗି ଉଦ୍‌ଘାଟନ କରିଥିଲେ। ବନାଞ୍ଚଳ ଅଧିକାରୀ ଜଙ୍ଗଲ ସୁରକ୍ଷା, ନିଆଁ ଦାଉରୁ ଜଙ୍ଗଲ ରକ୍ଷା ନେଇ ଉପସ୍ଥିତ ଗ୍ରାମବାସୀ ଓ ଅନ୍ୟାନ୍ୟ ଗ୍ରାମ ପଞ୍ଚାୟତରୁ ଆସିଥିବା ଲୋକମାନଙ୍କୁ ବିସ୍ତୃତ ଭାବେ ବୁଝାଇ କହିଥିଲେ। ପରେ ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାର୍କିମା ଉଇନର ଥିବା ବେଳେ ଚନ୍ଦ୍ରପୁର ରନର୍ସ ଭାବେ ଖେଳ ଜିତିଥିଲେ। ପରେ ପ୍ରଚାର ଗାଡି ଦ୍ୱାରା ଗ୍ରାମ ଯାଇ ମାଇକ୍ ଦ୍ୱାରା ଜଙ୍ଗଲ ସୁରକ୍ଷା ନେଇ ସଚେତନା କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ବନପାଳ ସୁଜାତା ସୁନାମୁଦି, ବନରକ୍ଷୀ ଲକ୍ଷ୍ମୀ କାନ୍ତ ପାଇଟାଳ, ରନିତ୍ ମହାରଣା, ଉପେନ୍ଦ୍ର ମାଳି, ପି ଏନ ଜି ଓ ଟିମ ସଭ୍ୟ, ଅଗ୍ନି ନିର୍ବାପକ ଦଳ, ହାତୀସୁରକ୍ଷା ଦଳ ଉପସ୍ଥିତ ଥିଲେ।



## ବଡ଼ଗାଁ ମା ନୀଳାଦ୍ରି ଗ୍ରାମ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପାରଳାଖେମୁଣ୍ଡି,୨୩।୨(ସମିସ): ଗୋଷାଣି ବ୍ଲକ ଅଗରଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ବଡ଼ଗାଁରେ ଶ୍ରୀ ଶ୍ରୀ ମା ନୀଳାଦ୍ରି ଗ୍ରାମ ଠାକୁରାଣୀଙ୍କ ନବନିର୍ମାଣ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଛି।

ଶୁକ୍ରବାର ଠାରୁ ଶୁକ୍ଲ ଷଷ୍ଠୀ ସୋମବାର ପର୍ଯ୍ୟନ୍ତ ମା ନୀଳାଦ୍ରି ଠାକୁରାଣୀଙ୍କ ୪ ଦିନିଆ ଯାତ୍ରା ହୋଇଥିଲା । ଶୁକ୍ରବାର ଦିନ ସକାଳ କଳସ ଯାତ୍ରା ଓ ସଂକୀର୍ତ୍ତନ ସହ ନଗର ପରିକ୍ରମା କରାଯାଇଥିଲା। ଏଥିରେ ଶହ ଶହ ମହିଳା କଳସଯାତ୍ରାରେ ଭାଗ ନେଇଥିଲେ । ଶନିବାର ପୂଜା ମଣ୍ଡପର କାର୍ଯ୍ୟବିଧି, ମାତା ନୀଳାଦ୍ରି ଯଜ୍ଞକର୍ମ, ଅଙ୍କୁରାରୋପଣ, ଶୁଭମଙ୍ଗଳ କାର୍ଯ୍ୟକ୍ରମ ହୋଇଥିଲା ।

ରବିବାର ଫାଲ୍‌ଗୁନ ଶୁକ୍ଳ ପଞ୍ଚମୀ ସକାଳେ ମାଙ୍କ ମହାସ୍ନାନ ଓ ନଗର ପରିକ୍ରମା, ପ୍ରାଣ ପ୍ରତିଷ୍ଠା ସହ ପୂଜାର୍ଚ୍ଚନା ହୋଇଥିଲା । ଆଜି ପ୍ରତିଷ୍ଠା ଉତ୍ସବର ଶେଷ ଦିବସରେ ମାତା ନୀଳାଦ୍ରୀ ଦେବୀଙ୍କ ମନ୍ଦିର ପ୍ରବେଶ ପୂର୍ଣ୍ଣାହୁତି, ଶୁଭମଙ୍ଗଳ ଶୁଭ କାର୍ଯ୍ୟକ୍ରମ ହୋଇଥିଲା । ଉତ୍ସବରେ ଚାରିଦିନ ଧରି ଅଗରଖଣ୍ଡି ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ଲାଗି ପ୍ରତ୍ୟେକ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଶନିବାର ଦିନ ନାମ ସଙ୍କୀର୍ତ୍ତନ ଓ ଅଷ୍ଟପ୍ରହରି, ରବିବାର ଗାହାଣି ଗଣ୍ଠି ଓ ଆଜି ଶେଷ ସନ୍ଧ୍ୟାରେ ଓଡିଶା ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟଗୁରୁ ହରିକୃଷ୍ଣ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ ଭାରତନୀଳା ପରିବେଷଣ ହୋଇଥିଲା । ମାଙ୍କ ଲାଗି ସ୍ୱତନ୍ତ୍ର ମନ୍ଦିର କିଛି ନଥିବା ବେଳେ ଗ୍ରାମର ଏକ ନିମ୍ବ ବୃକ୍ଷମୂଳେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଥିଲା । ହେଲେ ଚଳିତ ବର୍ଷ ଗ୍ରାମବାସୀ ଏକତ୍ର ହୋଇ ଯାହାର ଯେତିକି ସମର୍ଥ ଅନୁଯାଇ ପ୍ରତ୍ୟେକ ପରିବାର ଲୋକେ ଅର୍ଥ ଦାନ କରିଥିଲେ ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

ରାୟଗଡ଼ା,୨୩।୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର, ରାୟଗଡା ଠାରେ ଶିକ୍ଷାବର୍ଷ ୨୦୨୬-୨୭ର 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ'ର ପ୍ରଥମ ସୋପାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାୟଗଡା ସଂକୁଳର ସଂକୁଳ ପ୍ରମୁଖ ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଏଥି ସହିତ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟା ସସ୍ମିତା ପାଢ଼ୀ ଓ ବିଦ୍ୟାଳୟ ଶିଶୁ ବାଟିକା ପ୍ରମୁଖ ନିର୍ମଳା ବେହେରା ମଞ୍ଚାସିନ ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଭାରତୀ ପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କଥନ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟ ମାଧ୍ୟମରେ ଶିଶୁ ଶିକ୍ଷାର ଭାରତୀୟ ପାଶ୍ଚାତ୍ୟ ସଂକଳ୍ପନା ସହ ଶିଶୁ ଶିକ୍ଷାର ବର୍ତ୍ତମାନ ସ୍ଥିତି ଉପର ଆଲୋକପାତ କରିଥିଲ। ଏହାପରେ ଶିଶୁର ମାନସିକ ଓ ଶାରୀରିକ ଦକ୍ଷତା ବିକାଶ ଉଦ୍ଦେଶ୍ୟରେ ଦୁଇଟି ପ୍ରୟୋଗିକ କାଳାଂଶ କରାଯାଇଥିଲା। ଶେଷରେ ଶିଶୁ ବାଟିକାର ଆଚାର୍ଯ୍ୟା ମମତା ସେଠୀ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ଦାସଙ୍କ ତତ୍ତ୍ୱାବଧାନ ତଥା ସମସ୍ତ ଶିଶୁ ବାଟିକା ଗୁରୁମା ଓ ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇ ପାରିଛି।

## ମହୁଲ ପୋଚ ଓ ମଦ ଜବତ



ମୁନିଗୁଡ଼ା,୨୩।୨(ସମିସ): ମୁନିଗୁଡ଼ା ଅବକାରୀ ବିଭାଗ ଚଢ଼ଉ କରି ୧୨୦୦ ଲିଟର ମହୁଲ ପୋଚ ସହ ୨୦୦ ଲିଟର ହାତ ରନ୍ଧା ଦେଶୀ ମଦ ଜବତ କରିଛି। ଅମ୍ବାଦଳା ଥାନା ଅଧୀନସ୍ଥ ଇଛାପୁର ପଞ୍ଚାୟତ ଓଡିମାସ୍କା ଗ୍ରାମ ନିକଟରେ ଦେଶୀ ମଦ ରନ୍ଧା ହେଉଥିବା ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀ ମଦ ଜବତ କରିବା ସହ ପରିବହନର ବ୍ୟବସ୍ଥା ନଥିବାରୁ ଢ଼ାଳି ନଷ୍ଟ କରିଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଆଜି ଓଡିମାସ୍କା ଗ୍ରାମ ନିକଟରେ ଦେଶୀ ମଦ ରନ୍ଧା ଯାଉଥିବା ସ୍ଥାନରେ ଚଢ଼ଉ କରିବା ସମୟରେ ମଦ ପ୍ରସ୍ତୁତ କରୁଥିବା ଆସାଧୁ ବେପାରୀ ମାନେ ଅବକାରୀ ବିଭାଗ ଆସୁଥିବା ଖବର ପାଇ ଫେରାର ହୋଇଯାଇଥିଲେ। ତେବେ ସେଠାରୁ ଅବକାରୀ ବିଭାଗ ୧୨୦୦ ଲିଟର ମହୁଲ ପୋଚ ସହ ୨୦୦ ଲିଟର ମହୁଲି ମଦ ଜବତ କରିବା ସହ ତାହାକୁ ଢ଼ାଳି ନଷ୍ଟ କରିଦେଇଥିବା ସୂଚନା ମିଳିଛି। ଚଢ଼ଉ ସମୟରେ ମୁନିଗୁଡା ଅବକାରୀ ଥାନା ଏଏସାଇ ରାମଜାନ ଖାନଙ୍କ ସମେତ ଅନ୍ୟ କର୍ମଚାରି ଉପସ୍ଥିତ ରହିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ନାରାୟଣପଟଣା, ୨୩।୨ (ସମିସ): ସ୍ଥାନୀୟ ସ୍ନାତକ ମହାବିଦ୍ୟାଳୟ ପରିସରରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୁଳଦୀପ ଲାକ୍ରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ଆତ୍ମସୁରକ୍ଷା ତାଲିମ ଶିବିରର ସଂଯୋଜିକା ଅରୁନ୍ଧତୀ ସ୍ୱାଇଁଙ୍କ ଆହ୍ୱାନ କ୍ରମେ ଚଳିତ ମାସ ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୋଟ ୫୦ ଜଣ ଛାତ୍ରୀଙ୍କୁ ଅତ୍ୟନ୍ତ ସୁନ୍ଦର ଭାବରେ ତାଲିମ ପ୍ରଦାନକାରିଣୀ ସଞ୍ଜନା ପଟନାୟକ ତାଲିମ ଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନାରାୟଣପଟଣା ଥାନା ଅଧିକାରୀ ମମତା ପଣ୍ଡା ଯୋଗଦେଇ ଥିଲେ। ଉତ୍ସବରେ ଅନେକ ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିବାବେଳେ ମୁଖ୍ୟ ଅତିଥି ଶ୍ରୀମତୀ ପଣ୍ଡା ପ୍ରଶିକ୍ଷିତ ଛାତ୍ରୀମାନଙ୍କୁ ପ୍ରଶିକ୍ଷିଣର ସଦୁପଯୋଗ କରିବା, ଯେକୌଣସି ଅସ୍ୱାଭାବିକ ପରିସ୍ଥିତିକୁ ମୁକାବିଲା କରିବା, ତାଲିମ ନେଇଥିବା କୌଶଳର ଅପବ୍ୟବହାର ନ କରିବା ଭଳି ଉପଦେଶାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ। ତାଲିମ ପ୍ରାପ୍ତ ସମସ୍ତ ଛାତ୍ରୀମାନଙ୍କୁ ସାର୍ଟିଫିକେଟ୍ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶେଷରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୁଳଦୀପ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

### ଗରିବ ଶ୍ରେଣୀର ରୋଗୀ ପ୍ରଭାବିତ

## ବିଷମକଟକରେ ୧୦୮ ଆମ୍ବୁଲାନ୍‌ସ ସେବାରୁ ବଞ୍ଚିତ ରୋଗୀ

ବିଷମ କଟକ,୨୩।୨ (ସମିସ): ରୋଗୀଙ୍କୁ ଉନ୍ନତ ଚିକିତ୍ସା ସାଙ୍ଗକୁ ଜରୁରୀ କାଳୀନ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ନିମନ୍ତେ ୧୦୮ ମାଗଣା ଆମ୍ବୁଲାନସ୍ ସେବା ଯୋଗାଇ ଦେଉଛନ୍ତି ରାଜ୍ୟ ସରକାର। ହେଲେ ଦୀର୍ଘ କୋଡିଏ ଦିନ ହେବ ବିଷମ କଟକ ବ୍ଲକରେ ଏହି ସେବାରୁ ବଞ୍ଚିତ ହେବାରୁ ଗରିବ ଶ୍ରେଣୀର ରୋଗୀ ପ୍ରଭାବିତ ହେଉଛନ୍ତି। ଦୀର୍ଘ କୋଡିଏ ଦିନ ହେବ ବିଷମ କଟକ ବ୍ଲକରେ ସେବା ଯୋଗାଉଥିବା ଥିବା ୧୦୮ ଆମ୍ବୁଲାନସ୍ ଖରାପ ହୋଇଯାଇଥିବା ବେଳେ ଏଯାବତ୍ ମରାମତି ହୋଇପାରୁନାହିଁ କି କୌଣସି ବିକଳ୍ପ ବ୍ୟବସ୍ଥା ମଧ୍ୟ କରାଯାଉନାହିଁ। ଯାହାଫଳରେ ରୋଗୀମାନେ ଏହି ସେବା ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି।




ରାଜ୍ୟ ସରକାର ଆମ୍ବୁଲାନସ୍ ଗୁଡିକର ପରିଚାଳନା କରିବା ଦାୟୀତ୍ୱ ବେସରକାରୀ ସଂସ୍ଥା ମାନଙ୍କ ହାତରେ ରହିଥିବାରୁ ଏହି ବ୍ଲକରେ ବାରମ୍ବାର ଏପରି ଅବ୍ୟବସ୍ଥା ଦେଖାଦେଉଛି। ଗରିବ ଶ୍ରେଣୀର ରୋଗୀ ଏହି ସେବାରୁ ବଞ୍ଚିତ ହେଉଥିଲେ ମଧ ଏହି ସଂସ୍ଥା କୌଣସି ଉତରଦାୟୀ ହେଉନାହିଁ। ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବିଷମ କଟକ ବ୍ଲକର ଚାଟିକୋଣା, ଚାଞ୍ଚଡାଗୁଡା, ଥୁଆପାଡି, ଝିଗିଡି, ହଜାରିଡାଙ୍ଗ, ଡୁକୁମ, ଭାତପୁର ଓ ନିୟମଗିରି କୁର୍ଲି ପଞ୍ଚାୟତର ଲୋକେ ନିର୍ଭର କରୁଥିବା ସହ ସମସ୍ତ ବ୍ଲକର ରୋଗୀମାନେ ମେଡିକାଲକୁ ଆସିବା ନିମନ୍ତେ ଆମ୍ବୁଲାନସ୍ ଉପରେ ନିର୍ଭର କରିଥାନ୍ତି। ଗତ କୋଡିଏ ଦିନ ଆମ୍ବୁଲାନସ୍‌ଟି ମରାମତି ହୋଇପାରୁ ନଥିବାରୁ ଜରୁରୀକାଳୀନ ପରିସ୍ଥିତିରେ ପଡୋଶି ବ୍ଲକ ଚନ୍ଦ୍ରପୁର, ମୁନିଗୁଡା ଏବଂ କୋଲନରା, ଦୁର୍ଗୀ ର ଆମ୍ବୁଲାନ୍ସ ଉପରେ ନିର୍ଭର କରିବାକୁ ପଡୁଛି। ଠିକଣା ସମୟରେ ଆମ୍ବୁଲନସ୍ ପହଞ୍ଚି ପାରୁନଥିବାରୁ ଜରୁରୀ କାଳୀନ ରୋଗୀ ମୃତ୍ୟୁ ମୁଖରେ ପ?ୁଛନ୍ତି। କିଛି ଗରିବ ଶ୍ରେଣୀର ରୋଗି ସରକାରୀ ଆମ୍ବୁଲାନ୍ସ ସେବା ପାଇବା ରୁ ବଞ୍ଚିତ ହେଉଥିବାରୁ ଘରୋଇ ଆମ୍ବୁଲାସ୍‌ରେ ମେଡିକାଲ ଆଣିବା ପାଇଁ ଖର୍ଚାନ୍ତ ର ଶିକାର ହେଉଛନ୍ତି। କେଉଁ ପରିସ୍ଥିତିରେ ଆମ୍ବୁଲାନସ୍ ମରାମତି ହେଉ ନାହିଁ ସେ ସମ୍ବନ୍ଧରେ ଆମ୍ଭେ ଆମ୍ବୁଲାନସ୍ ସେବା କ୍ଲଷ୍ଟର ଲିଡର ରଜତ ନାରାୟଣ ମିଶ୍ର ଙ୍କ ସହ ଯୋଗାଯୋଗ କରିଥିବା ବେଳେ ଉକ୍ତ ଆମ୍ବୁଲାନସ୍‌ଟି ନୂଆ ଏବଂ ତାର ୱାରଂଟି ରହିଥିବାରୁ କମ୍ପାନୀର ମରାମତି କେନ୍ଦ୍ରରେ ହିଁ ମରାମତି କରିବାକୁ ପଡୁଛି । ଯାହାଫଳରେ ଅଧିକ ସମୟ ହେଉଛି ବୋଲି କହିବା ସହ ତୁରନ୍ତ ଆମ୍ବୁଲାନସ୍ ମରାମତି ହୋଇ ରୋଗୀ ସେବା ଯୋଗାଇବ ବୋଲି ପ୍ରକାଶ କରିଛନ୍ତି।

